# ବିଜେଡିର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ



**ସୁନ୍ଦରଗଡ଼, ୨୬ ।୨(ସମିସ):** ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀର ସଦର ବ୍ଲକ (ଖ) ଜୋନ ବିଜୁ ଜନତା ଦଳ ପକ୍ଷରୁ ବାବା ମେଢ଼େଶ୍ୱର ମନ୍ଦିର ପରିସରରେ ଏକ କର୍ମୀ ସମାବେଶ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ସଦର ବ୍ଲକ ବିଜେଡି ସଭାପତି ତଥା (କ) ଜୋନ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କର୍ମୀ ସମାବେଶରେ ଆମ ଓଡ଼ିଶା, ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ଯୋଗେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶା ବିଧାନସଭାରେ ଗୋଟିଏ ଦଳର ୧୨୩ ବିଧାୟକ ରେକର୍ଡ ଭାଙ୍ଗିବାକୁ ରଖାଯାଇଥିବା ଲକ୍ଷ୍ୟ ପୂରଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ କୃଷକ ଜନତା ଦଳ ସମ୍ପାଦକ ସୁନୀଲ ମହାପାତ୍ର, ସଦର (ଖ) ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ଲେଢ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମରିଆ, ବଂଶୀଧର ମେହେର, ବସନ୍ତ ଶେଖରଦେଓ, ସ୍ୱର୍ଣ୍ଣ ମାଝୀ, କୋଦଣ୍ଡ ପୁରୋହିତ, ଅମୃତଶେଖର ଦେଓ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା, ନୀତି ଆଦର୍ଶ ଓ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଭଜମନ ପଟେଲଙ୍କ ସମେତ ପ୍ରଶାନ୍ତ ସାହୁ, ଶିବଶଙ୍କର ନାଏକ, ବଂଶୀଧର ପୁରୋହିତ, ସଜନ ଦେଓ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି । ଦଳ ପକ୍ଷରୁ ତାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି ।



# ବାଲିଜୋରି ଓ ଟାଙ୍ଗରପାଲିରେ ପୁଷ୍ଟିଶସ୍ୟ ଟିଫିନ କେନ୍ଦ୍ର ଶୁଭାରମ୍ଭ





**ସୁନ୍ଦରଗଡ଼, ୨୬ ।୨(ସମିସ)**

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଚାଲୁଥିବା ମିଲେଟ ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ପୁଷ୍ଟିଶସ୍ୟର ବହୁଳ ବ୍ୟବହାର ତଥା ଘରେ ଘରେ ପ୍ରତ୍ୟେକ ଖାଦ୍ୟ ଥାଳିରେ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରୟାସ କରାଯାଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ମିଲେଟ ମିଶନ ଓ ମିଶନ ଶକ୍ତି ମିଳିତ ସହଯୋଗରେ ବାଲିଜୋରି ବଜାରରେ ଧନଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଟାଙ୍ଗରପାଲି ବଜାରରେ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ପୁଷ୍ଟିଶସ୍ୟ ଟିଫିନ କେନ୍ଦ୍ର ଶୁଭାରମ୍ଭ କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଏହାକୁ ଉଦଘାଟନ କରି ମାଣ୍ଡିଆର ପାରମ୍ପରିକ, ସାଂସ୍କୃତିକ ଓ ସ୍ୱାସ୍ଥ୍ୟଗତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମିଶନ ଶକ୍ତି ଜିଲ୍ଲା ସଂଯୋଜକ ବସନ୍ତ ମଲ୍ଲିକ ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ ଲାଗି ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଜଣାଇଛନ୍ତି । ଆଗାମୀ ଦିନରେ କେବଳ ଜିଲ୍ଲା ନୁହେଁ ରାଜ୍ୟର ଗାଁ ଗାଁରେ ଘରେ ଘରେ ମାଣ୍ଡିଆ ବାସ୍ନାରେ ମହକିବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଛନ୍ତି । ୱାସନର ଜିଲ୍ଲା ସଂଯୋଜକ ଦିବ୍ୟ ପ୍ରକାଶ ଜ୍ୟୋତିକାନ୍ତ ଟିଫିନ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଅତିରିକ୍ତ ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗରପାଲି ବ୍ଲକ ମିଶନ ଶକ୍ତି ସଂଯୋଜିକା ଲଳିତା ସୁକାନ୍ତି ଲାକ୍ରା, ସମନ୍ୱିତ ଶିଶୁ ବିକାଶ ଯୋଜନା ପରିଦର୍ଶିକା ସ୍ନିଗ୍ଧାରାଣୀ ମହାପାତ୍ର, ଜିଲ୍ଲା ସଂଯୋଜକ ସୁନୀଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା, ଶୁଭମ ପଶାୟତ, ଆକାଶ ଚୌଧୁରୀ, ସଞ୍ଜୟ ସିଂ, ବିଶାଲ ବନଛୋର, ଅଜୟ ସୁନ୍ୟାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ଲଡୁ, ମାଣ୍ଡିଆ କେକ, ଇଡ୍‌ଲି, ପକୁଡ଼ି, ଆଳୁଚପ, କାଙ୍ଗୁ ଉପମା, ସୁଆଁ ଖିରି, ମୋଦକ, ସରବତ, କୋଦୋ ଖେଚୁଡ଼ି, ଠେଠେରୀ, କାଠିନିମିକି, ସେଓ ନିମିକି, ଆରିସା ପିଠା, ଠେକୁଆ ପିଠା, ଗଜା, ଦହିବରା, ଚାଉଳ ବରା, ମାଲପୁଆ, ମିକ୍ସଚର ଆଦି ଲୋକପ୍ରିୟ ତଥା ପାରମ୍ପରିକ ଜଳଖିଆ ପ୍ରଦର୍ଶିତ କରି ବିକ୍ରି ଆରମ୍ଭ କରାଯାଇଥିଲା ।

# ଉତ୍ତମ କୁମାର ତନ୍ତୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




**ବାଲିଶଙ୍କରା, ୨୬ ।୨(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ସଭାରେ ବାଲିଶଙ୍କରା ବ୍ଲକରୁ ଶ୍ରେଷ୍ଠ ବିବେଚିତ ଆଲୁମ୍‌ନି ମେମ୍ବର ଭାବରେ ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟର ଆଲୁମ୍‌ନି ମେମ୍ବର ଉତ୍ତମ କୁମାର ତନ୍ତୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି ।

ଏଥିରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ରଞ୍ଜନ କୁମାର ଗିରି, ସୁନ୍ଦରଗଡ଼ ପୌରାଧ୍ୟକ୍ଷ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଯୋଗ ଦେଇଥିଲେ । ଉତ୍ତମ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

● ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

# ସଦର ବ୍ଲକରେ ଦେଉଳି ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ପୁରସ୍କୃତ



**ସୁନ୍ଦରଗଡ଼, ୨୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ସଦର ବ୍ଲକ ଦେଉଳୀ ପଞ୍ଚାୟତକୁ ବ୍ଲକ ସ୍ତରରେ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଛି । ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ଏହି ପଞ୍ଚାୟତ ପୁରସ୍କୃତ ହୋଇଛି । ସରପଞ୍ଚ ନଳିନୀ ପ୍ରଧାନ ଅତିଥିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଉକ୍ତ ବିଦ୍ୟାଳୟର ଦୁଇ ଛାତ୍ରଛାତ୍ରୀ ରୋହିତ ମୁଣ୍ଡା ଓ ସୁଚିସ୍ମିତା ସା ନିଜ ଶୈକ୍ଷିକ ପ୍ରଦର୍ଶନ ତଥା ନେତୃତ୍ୱ ଗୁଣାବଳୀ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଦସ୍ୟ, ମୋ ସ୍କୁଲ୍ ଅଭିଯାନ କମିଟିର ସମସ୍ତ କର୍ମକର୍ତ୍ତା ଏହି ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି ।

# କୁତ୍ରା ବ୍ଲକର ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**କୁତ୍ରା, ୨୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୪୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି । ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଷ୍ଟୁଡେଣ୍ଟ୍ ଏକାଡେମିକ ପୁରସ୍କାର ୧୦୧ ଓ ୩୬ଟି ଲିଡରସିପ ପୁରସ୍କାର ପ୍ରଦାନ କରାଯାଇଥିଲା । ତରକେରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନଙ୍କୁ ଶ୍ରେଷ୍ଠ ପ୍ରଧାନଶିକ୍ଷକ, କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ଆଲୁମ୍‌ନି ମହେନ୍ଦ୍ର ସିଂ ଓ କୀର୍ତ୍ତି କିରଣ ସୁନ୍ୟାନୀଙ୍କୁ ଶ୍ରେଷ୍ଠ ଆଲୁମନି ରୂପେ ସମ୍ମାନିତ କରାଯାଇଥିଲା । ଉତ୍କୃଷ୍ଟ ପରିଚାଳନା ସମିତି ରୂପେ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ମମତା ସ୍ୱାଇଁ ଏବଂ କୁମାରୀ ଜୟପୁରିଆ ପୁରସ୍କୃତ ହୋଇଥିଲେ । ଉଚ୍ଚ ବିଦ୍ୟାଳୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ତରକେରା ଉଚ୍ଚ ବିଦ୍ୟାଳୟ, ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ଓ ଲତାଲଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା । ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଝାପଡ଼ା, ସରକାରୀ ଉପ୍ରା ବିଦ୍ୟାଳୟ ପଞ୍ଚରା, ସରକାରୀ ଉପ୍ରା ବିଦ୍ୟାଳୟ ସାନଗୁଡ଼ିଆଲୀକୁ ପୁରସ୍କୃତ କରାଯାଇଥିଲା । ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ କୁତ୍ରାକୁ ସର୍ବାଧିକ ଷ୍ଟୁଡେଣ୍ଟ୍ ଏକାଡେମିକ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଇଓ ଶରତ ପତି, ଏବିଇଓ ଲକ୍ଷ୍ମଣ ଜାମୁଦା ଓ ନିରଞ୍ଜନ ରାଉଳ ଓ ସମସ୍ତ କ୍ଲଷ୍ଟର ସିଆରସିସିଙ୍କ ସହ ବିଭୀଷଣ ବାରିକ, ଦୀପିକା କେର୍କେଟା, ମହେନ୍ଦ୍ର ସିଂ, ନିତ୍ୟାନନ୍ଦ ବେହେରା, ଲୋକନାଥ ପ୍ରଧାନ, ଗୀତାଞ୍ଜଳି ଦାସ, ନିରଞ୍ଜନ ପୃଷ୍ଟି ଓ କେଦାର ଚନ୍ଦ୍ର ସାହୁ ଯୋଗଦେଇଥିଲେ ।

# ଲିଟିଲ ଡାଫୋଡିଲ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼, ୨୬ ।୨(ସମିସ):** ସ୍ଥାନୀୟ ଲିଟିଲ ଡାଫୋଡିଲ ଇଂଲିଶ ମିଡିୟମ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏଥିରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଇଂରାଜୀର ଆବଶ୍ୟକତା ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡ. ଲଳିତ ଅମାତ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଉପନଗରପାଳ ଲଲାଟେନ୍ଦୁ ପରିଡ଼ା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଅନ୍ୟ ସମସ୍ତ କ୍ଷେତ୍ରରେ ପାରଙ୍ଗମ ହେବକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସମ୍ବଲପୁର ଜୋନ ବିଜୁ ଛାତ୍ର ଜନତା ଦଳ ଉପାଧ୍ୟକ୍ଷ ଉମେଶ ଶର୍ମା ବକ୍ତବ୍ୟ ରଖିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି କୀର୍ତ୍ତିକୃଷ୍ଣ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ରଥ ବାର୍ଷିକ ବିବରଣୀ ପାଠ ଓ ସମ୍ପାଦକ ଲାଲକୃଷ୍ଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ । ଶିକ୍ଷୟିତ୍ରୀ ଅର୍ଚ୍ଚନା ପଟେଲ ଓ ବୁଲବୁଲ ବାବୁ ମଞ୍ଚ ପରିଚାଳନା କରିଥିବା ବେଳେ ସୁବ୍ରତ ସେଟ, ସୁକାନ୍ତ ବିପ୍ର, ତନୁଶ୍ରୀ କିଶାନ, ରୀନା ନାୟକ, ପୁଷ୍ପାଞ୍ଜଳି ପଟେଲ, ପ୍ରିୟଙ୍କା ବାଗ, ସୋନାଲି ପଶାୟତ, ସୁନନ୍ଦା ପ୍ରଧାନ, ସୁକାନ୍ତି ବାଗ, ସରୋଜିନୀ ସେଟ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଶିବରାମ ଡାକୁଆଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା ।

# ଜିଲ୍ଲା ଲକ୍ଷେଘର ସମାଜ କାର୍ଯ୍ୟାଳୟ ପାଇଁ ଭୂମିପୂଜନ

**ସୁନ୍ଦରଗଡ଼, ୨୬ ।୨(ସମିସ):** ସ୍ଥାନୀୟ ଭବାନୀପୁର ବାଇପାସ୍‌ଠାରେ ସୁନ୍ଦରଗଡ଼ ଜିଲ୍ଲା ଲକ୍ଷେଘର ସମାଜ ପକ୍ଷରୁ ସମାଜର କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି । ସମାଜର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଲକ୍ଷେଘର ସମାଜ ସଂଘ ପ୍ରତିଷ୍ଠାତା ସ୍ୱର୍ଗୀୟ ଉଜ୍ଜ୍ୱଳ ତନ୍ତୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ବର ମହାନନ୍ଦିଆ, ଉପସଭାପତି



ସଭାପତି ପ୍ରଫୁଲ୍ଲ ସୁନ୍ୟାନି ଏଥିରେ ଯୋଗଦେଇ ଅନେକ ଚେଷ୍ଟା ଓ ସଂଘର୍ଷ ଦ୍ୱାରା ଆଜି ଆମେ ଏଠାରେ ଏକଜୁଟ ହେବା ସହ ସମାଜର ଉନ୍ନତି ତଥା ସାମାଜିକ କାର୍ଯ୍ୟ ପାଇଁ ଜମି ପାଇପାରିଛୁ ବୋଲି କହିଥିଲେ ।

ଆଗାମୀ ଦିନରେ ମଧ୍ୟ ଏହି ଧାରା ବଜାୟ ରଖି ଯୁବପିଢ଼ିଙ୍କ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ବୁଢ଼ା ବାବୁ ସଭା ପରିଚାଳନା କରିଥିବା ବେଳେ ସୁନ୍ଦରଗଡ଼ ନଗର ସଭାପତି ସୁନୀଲ ମହାନନ୍ଦିଆ ରାଜା କାକ, ସାଧାରଣ ସମ୍ପାଦକ ଲଳିନ୍ଦ୍ର ସିଂ, ସହ ସମ୍ପାଦକ ସୁଶୀଲ ବାଗ, ଉପଦେଷ୍ଟା ବିଶ୍ୱଜିତ୍ ତନ୍ତୀ, ମୁକ୍ତେଶ୍ୱର ବୁଢ଼ା, ତରଣୀସେନ ତାଜନ, ଶ୍ରବଣ ଗର୍ଡ଼ିଆ, ଲବଣୀଧର ବାଗ, ଜିଲେଶ୍ୱର ଜୟପୁରିଆ, ଚନ୍ଦ୍ରଭାନୁ ମହାନନ୍ଦିଆ, ଅଲେଖ ମହାନନ୍ଦିଆ, ଡ. ମନୋଜ ବାଦି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ସମସ୍ତ ବ୍ଲକ ସଭାପତି ଏବଂ ସମାଜିକ ଭାଇଭଉଣୀଙ୍କ ଉପସ୍ଥିତିରେ ଭୂମିପୂଜନ କରାଯାଇଥିଲା ।

# ସଚିବାଳୟ ଘେରଉରେ ସାମିଲ ହେଲେ ପ୍ରବୋଧ

**ବାଲିଶଙ୍କରା, ୨୬ ।୨(ସମିସ):** ତଲସରା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ଟିକେଟ ଆଶାୟୀ ପୂର୍ବତନ ଭାରତୀୟ ହକି ଦଳର ଅଧିନାୟକ ପ୍ରବୋଧ ତିର୍କୀ ସୋମବାର କଂଗ୍ରେସ ପକ୍ଷରୁ ସଚିବାଳୟ ଘେରଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ସୁର ରାଉତରାୟ, ବିଧାୟକ ତାରା ବାହିନୀପତି, ଓଡ଼ିଶା ପ୍ରଦେଶ କଂଗ୍ରେସ ମହିଳା ସଭାପତି ମିନାକ୍ଷୀ ବାହିନୀପତି ସମେତ ବିଧାୟକ, ବରିଷ୍ଠ ନେତା, ମହିଳା ନେତ୍ରୀମାନେ କଂଗ୍ରେସ ଭବନରୁ ବାହାରି ସଚିବାଳୟ ଘେରଉରେ ସାମିଲ ହୋଇଥିଲେ । ଏଥିରେ ପ୍ରବୋଧ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।



# ମଧୁବାବୁ ପେନସନ ଯୋଜନାର ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ

**ସୁନ୍ଦରଗଡ଼, ୨୬ ।୨(ସମିସ):** ଟାଙ୍ଗରପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ମଙ୍ଗସପୁର ପଞ୍ଚାୟତ କାର୍ଯ୍ୟାଳୟରେ ରେମଣ୍ଡା, ଯୋଗିମାଲ, ନିଆଳିପାଲି ଓ ମଙ୍ଗସପୁର ପଞ୍ଚାୟତର ମଧୁବାବୁ ପେନସନ ଯୋଜନା ହିତାଧିକାରୀଙ୍କୁ ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆୟୋଜିତ ସଭାରେ ଟାଙ୍ଗରପାଲି (କ) ଜିଲ୍ଲା ପରିଷଦ ସଭ୍ୟା ଗେଲବତୀ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ରେମଣ୍ଡା ସମିତି ସଭ୍ୟ ଜଟିଆ ମୁଣ୍ଡା, ଯୋଗିମାଲ ସରପଞ୍ଚ ସୌଦାମିନୀ ଭୋଇ, ମଙ୍ଗସପୁର ସରପଞ୍ଚ ଶ୍ରୀମତୀ ମୁଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ପେନସନ ରାଶି ବୃଦ୍ଧି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ରେମଣ୍ଡା ସରପଞ୍ଚ ଚେମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ୪ ପଞ୍ଚାୟତର ୧୦୯ ହିତାଧିକାରୀଙ୍କୁ ବର୍ଦ୍ଧିତ ପେନସନ ରାଶି ପ୍ରଦାନ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ପାଣ୍ଡେ, ଗ୍ରାମ ରୋଜଗାର ସେବକ ରଶ୍ମିତା ଦେହୁରୀ, ଅଞ୍ଜଳି କୁମାର ପଟେଲ ଓ ସୌରଭ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ରେଳ ଓଭରବ୍ରିଜର ଶିଳାନ୍ୟାସ

**ହେମଗିରି, ୨୬ ।୨(ସମିସ):** ହେମଗିରି ବ୍ଲକ ଅନ୍ତର୍ଗତ ଘୁମୁଡ଼ା ରେଳ ଫାଟକଠାରେ ଓଭର୍‌ବ୍ରିଜ ନିର୍ମାଣ ପାଇଁ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଳାନ୍ୟାସ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ମୁଖ୍ୟଅତିଥି, ସଦର ବିଧାୟିକା କୁସୁମ ଟେଟେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଲୱେ ସିନିୟର ଏଡିଇଏନ୍ (ବ୍ରଜରାଜନଗର) ଶଶାଙ୍କ ଶେଖର, ବିଳାସପୁର ରେଲୱେ ଅଧିକାରୀ ଅଶ୍ୱିନୀ ସେଠୀ, ହେମଗିରି ରେଲୱେ ଷ୍ଟେସନ ଅଧିକାରୀ ମନୋଜ ରାୟ, ଜୁଲୁମବାହାଲ ସରପଞ୍ଚ ଶ୍ରୀମତୀ ଭୋଇ, ଆଙ୍କେଲବିରା ସରପଞ୍ଚ ଥାଇଚରଣ ସା ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ନେଟଓ୍ୱର୍କ ସମସ୍ୟାରେ ପେଶିହେଉଛନ୍ତି ବାମଡେରାବାସୀ

**ସୁନ୍ଦରଗଡ଼, ୨୬ ।୨(ସମିସ)**

କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆର ନାରା ଦେଉଛନ୍ତି । ମାତ୍ର ପ୍ରାୟ ୫ ହଜାର ଜନସଂଖ୍ୟା ବିଶିଷ୍ଟ ବଡ଼ଗାଁ ବ୍ଲକ ବାମଡେରା ପଞ୍ଚାୟତର ଲୋକେ ନେଟଓ୍ୱର୍କ ସମସ୍ୟାରେ ପେଶି ହେଉଥିବା ଅଭିଯୋଗ ହେଉଛି ।

● କଥାବାର୍ତ୍ତା ପାଇଁ ୨ କିମି ଦୂର ପାହାଡ଼ ଉପରକୁ ଯିବାକୁ ପଡୁଛି

● ଭୋଟ ବର୍ଜନ ପାଇଁ ଚେତାବନୀ



ଏହା ଡିଜିଟାଲ ଇଣ୍ଡିଆ ପ୍ରତି ଉପହାସ କରୁଛି । ବାମଡେରା ପଞ୍ଚାୟତ ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ରହିଛି । ବାମଡେରା ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ସହ ପ୍ରାଥମିକ ଉପସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଟିଏ ଲେଖାଏଁ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ରହିଛି । ରାଜଛପଲା ଓ ବାଦୁଲପାନିରେ ଶାଖା ଡାକଘର ରହିଛି । ବର୍ତ୍ତମାନ ପ୍ରାୟ ସମସ୍ତ ସରକାରୀ ଯୋଜନାରେ ଅନଲାଇନ ମାଧ୍ୟମରେ କାମ ହେଉଛି ।

ତେବେ ଉକ୍ତ ପଞ୍ଚାୟତରେ ମୋବାଇଲ ନେଟଓ୍ୱର୍କ ନ ଥିବାରୁ ଲୋକେ ଘୋର ହଇରାଣ ହରକତ ହେଉଛନ୍ତି । ବାଧ୍ୟ ହୋଇ ୪ କିଲୋମିଟର ଦୂର ଏକମାକୁ ଆସି ଅନଲାଇନ କାମ କରୁଛନ୍ତି । ରାତିରେ କୌଣସି ସମସ୍ୟା ହେଲେ ବିପଜ୍ଜନକ ଭାବେ ୨ କିଲୋମିଟର ଦୂର ପାହାଡ଼ ଉପରକୁ ଯାଇ ଫୋନ କରୁଛନ୍ତି । ଏହି ପଞ୍ଚାୟତ ଝାଡ଼ଖଣ୍ଡ ସୀମାରେ ରହିଥିବାରୁ ଝାଡ଼ଖଣ୍ଡୀ ଅପରାଧୀଙ୍କ ଗତିବିଧି ମଧ୍ୟ ଦେଖାଯାଇଥାଏ । ଏହି କାରଣରୁ ସୁରକ୍ଷା ଦୃଷ୍ଟିରୁ ମଧ୍ୟ ମୋବାଇଲ ଟାୱାର ସ୍ଥାପନ ଅତି ଜରୁରୀ । ତେବେ ଏ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ଫଳରେ ସେମାନେ ସୋମବାର ପୁଣିଥରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଯଦି ମୋବାଇଲ ଟାୱାର ସ୍ଥାପନ ନ ହୁଏ, ତେବେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ।

# ଘରୁ ସୁନାଗହଣା, ଆସବାବପତ୍ର ଚୋରି



**ବାଲିଶଙ୍କରା, ୨୬ ।୨(ସମିସ):** କିଞ୍ଜିରକେଲା ଥାନା ଅନ୍ତର୍ଗତ ବ୍ରାହ୍ମଣମରା ଗ୍ରାମର ଦୀପ୍ତି ପ୍ରଧାନଙ୍କ ଘରୁ ସୁନାଗହଣା, ଆସବାବପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଘରେ କେହି ନ ଥିବାର ସୁଯୋଗ ନେଇ ଚୋର ରାତିରେ ଲୁଟପାଟ କରିଛନ୍ତି । ପରିବାର ଲୋକେ ସକାଳେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।



## ଆଇଜିଏଚ୍ ଡାକ୍ତର, କର୍ମଚାରୀଙ୍କୁ 'ସାବାସ' ପୁରସ୍କାର



**ରାଉରକେଲା, ୨୬ ।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଡାକ୍ତର, ଅଧିକାରୀ ଏବଂ କର୍ମଚାରୀ ସମେତ ୨୧ ଜଣଙ୍କୁ ଫେବୃଆରୀ ୨୧ ତାରିଖ ଆୟୋଜିତ ସମାରୋହରେ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି । ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ସିଏମଓ ଡା. ଏନପି ସାହୁ, ଡାକ୍ତର ଏଲ୍‌କେ ବିଶ୍ୱାଳ, ଡା. ଜେକେ ଆଚାର୍ଯ୍ୟ ଏବଂ ଡା. ପିକେ ମହାପାତ୍ର, ମଞ୍ଚାସୀନ ଥିଲେ । ଆଇଜିଏଚ୍‌ର ଅନ୍ୟ ବରିଷ୍ଠ ଡାକ୍ତର ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଡା. ହୋତା କର୍ମଚାରୀଙ୍କ ଉଦାହରଣୀୟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ ଯାହା ଆଇଜିଏଚରେ ସାମଗ୍ରିକ ରୋଗୀସେବା ବ୍ୟବସ୍ଥାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଛି । ଏପରି ସ୍ୱୀକୃତି ଅନ୍ୟମାନଙ୍କ ମଧ୍ୟରେ ଉତ୍କର୍ଷତାର ସଂସ୍କୃତି ବିସ୍ତାର କରିବ ବୋଲି ସେ ଆଶା ପ୍ରକଟ କରିଥିଲେ । ପୁରସ୍କାର ବିଜେତାଙ୍କ ମଧ୍ୟରେ ଆଇଜିଏଚ୍‌ର ଡାକ୍ତର, ନର୍ସିଂ ସିଷ୍ଟର, ଅଧିକାରୀ ଏବଂ ଅନ୍ୟ ପାରା ମେଡିକାଲ୍ କର୍ମଚାରୀ ସାମିଲ ଥିଲେ । କାର୍ମିକ ବିଭାଗ ଜିଏମ ଜିଆର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡେପୁଟି ମ୍ୟାନେଜର ଏସ୍‌ସି ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ୍‌ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଉତ୍ସବ






**ରାଉରକେଲା, ୨୬ ।୨(ସମିସ)**

ଉଦିତନଗର ମିନି ଷ୍ଟାଡିୟମ ପରେଡ୍ ପଡ଼ିଆରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ନୃତ୍ୟ ଆଭୂଷଣ, ବାଦ୍ୟଯନ୍ତ୍ର, କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ହକି ଇଣ୍ଡିଆ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ଜିଲ୍ଲା ଏସଡିସି ଅଧ୍ୟକ୍ଷ ବିନୟ ଟୋପୋ, ଏସଡିସି ଉପାଧ୍ୟକ୍ଷା ସୁଶିଳା ଟପ୍ପୋ, ପୂର୍ବତନ ବିଧାୟକ ତଥା ଜିଲ୍ଲା ପରିଷଦ ସଦସ୍ୟ ହାଲୁ ମୁଣ୍ଡାରୀ, ଜିଲ୍ଲା ପରିଷଦ ସଦସ୍ୟା ଦଶମୀ ମିଞ୍ଜ, ଝିରପାଣି ସମିତି ସଦସ୍ୟା ପ୍ରତିମା ପାତ୍ର, କୁଆଁରମୁଣ୍ଡା ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ମହିଳା ସଭାନେତ୍ରୀ ଏମା ଏକ୍କା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଶେଷଜ୍ଞ କମିଟି ସଦସ୍ୟ ବୈକୁଣ୍ଠ ନାଏକ, ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ଜ୍ୟୋତି ଟେଟେ, ଫୁଲମଣି କେର୍କେଟା, ଲାଠିକଟା ବ୍ଲକ ଅଧ୍ୟକ୍ଷ ଦିଲୀପ ଖେସ୍, ବୀରମିତ୍ରପୁର ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ବେନଡିକ୍ଟ୍ ତିର୍କୀ, ମହେଶ ନାଗ, ବିଜେଡି ନଗର ସଭାପତି ଗଗନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ନାୟକ କହିଲେ ଯେ ସୁନ୍ଦରଗଡ଼ ଏକ ଆଦିବାସୀ ବହୁଳ ଜିଲ୍ଲା । ଏହି ମାଟି ବିର୍ସା ମୁଣ୍ଡା ଓ ନିର୍ମଳ ମୁଣ୍ଡାଙ୍କ ମାଟି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ନିର୍ମାଣ କରି କ୍ରୀଡ଼ା ତଥା ଆଦିବାସୀଙ୍କୁ ଭଲପାଇବାର ନିଦର୍ଶନ ଦେଖାଇଛନ୍ତି । ଜିଲ୍ଲାର ପ୍ରତି ବ୍ଲକରେ ଆଜି ଆଷ୍ଟ୍ରୋଟର୍ଫ୍ ବିଛାଯାଇ ହକି କ୍ରୀଡ଼ାବିତଙ୍କ ହକି ପ୍ରତି ଉତ୍ସାହକୁ ବହୁ ଗୁଣ ବୃଦ୍ଧି କରିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାରେ ଆଦିବାସୀମାନଙ୍କ ନୃତ୍ୟ, ଗୀତ, ପର୍ବପର୍ବାଣି ସମୟରେ ଟଙ୍କା ଅଭାବ ଯୋଗୁଁ ସେମାନେ ବାଦ୍ୟଯନ୍ତ୍ର ଓ ଆଭୂଷଣ କିଣିପାରୁ ନାହାନ୍ତି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ବାଦ୍ୟ ଯନ୍ତ୍ରପାତି ସହ ଯୁବ ଖେଳାଳିଙ୍କ ପାଇଁ ହକି, ଫୁଟବଲ ଓ ଅନ୍ୟ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରୁଛନ୍ତି । ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏହି ସାମଗ୍ରୀ ବଣ୍ଟନ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ରାଉରକେଲା, ରଘୁନାଥପାଲି, ବିଶ୍ରା ଓ ଲାଠିକଟା ବ୍ଲକରେ ମୋଟ ୬୦ଟି ଟିମଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା । ସେହିପରି ୭୦ଟି ସାଂସ୍କୃତିକ ଦଳଙ୍କୁ ବିଭିନ୍ନ ଆଭୂଷଣ, ବାଦ୍ୟଯନ୍ତ୍ର ସମେତ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା । ସନ୍ଧ୍ୟା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆରଏସ୍‌ପି ଦ୍ୱାରା ଗ୍ରାମବାସୀଙ୍କୁ ଛତୁଚାଷ ତାଲିମ



**ରାଉରକେଲା,୨୬ ।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପାର୍ଶ୍ୱାଞ୍ଚଳ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ନିମନ୍ତେ ପ୍ରୟାସ ସ୍ୱରୂପ ଛତୁଚାଷ ତାଲିମ ପ୍ରଦାନ କରୁଛି । ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଅନୁଷ୍ଠିତ ଛତୁଚାଷ ତାଲିମ କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଜାହରିଟୋଲିର ଭିନ୍ନ ଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୨୦ ସଦସ୍ୟାଙ୍କୁ ଢିଙ୍ଗ୍ରି ଛତୁଚାଷ ତାଲିମ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଢିଙ୍ଗ୍ରି ଛତୁଚାଷ ପ୍ରକ୍ରିୟା ଉପରେ ତତ୍ତ୍ୱଗତ ଓ ପ୍ରୟୋଗାତ୍ମକ ତଥ୍ୟ ଅନ୍ତର୍ଭୁକ୍ତ ଥିଲା । ତାଲିମ କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ସ୍ଥାନରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଏ ସମ୍ବନ୍ଧରେ ଉତ୍ସାହିତ କରିବା ପାଇଁ ଗୋଟିଏ ଲେଖାଏଁ ବୋତଲ ଛତୁମଞ୍ଜି ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷଣ ଶେଷରେ ହିତାଧିକାରୀମାନେ ଏହି କାର୍ଯ୍ୟକ୍ରମ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ସିଏସଆର ବିଭାଗର ମାଷ୍ଟର ଟ୍ରେନର ତିନ୍ତସ୍ ଭେଙ୍ଗ୍ରା, ବି ଏକ୍କା ଓ ଦଲପୋଷ ଆଦର୍ଶ ଇସ୍ପାତ ଗ୍ରାମର ସୁମନ ସ୍ୱୟଂ ସହାୟକ ଗୋଷ୍ଠୀର ମାଷ୍ଟର ଟ୍ରେନର କମଳା ଟପ୍ପୋ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଉଦଯାପନୀ ଉତ୍ସବରେ କାର୍ମିକ ବିଭାଗ ଜିଏମ ଡ. ପିକେ ସାହୁ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସିଏସଆର ବିଭାଗ ଜିଏମ ମୁନମୁନ ମିତ୍ର ସ୍ୱାଗତ ଅଭିଭାଷଣ ଦେଇ ଆରଏସପିର ବିଭିନ୍ନ ସିଏସଆର ଯୋଜନା ବିଷୟରେ ସୂଚନା ଦେଇଥିଲେ । ବିଭାଗର ଏଜିଏମ ଟିବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ । ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି ଏକ୍କା ଉଦଯାପନୀ ଉତ୍ସବ ସଂଯୋଜନା କରିଥିଲେ ।

## ଅଣ୍ଡରପାସ୍‌ର ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



**ରାଜଗାଙ୍ଗପୁର, ୨୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ୨ଟି ଅଣ୍ଡରପାସର ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଜଗାଙ୍ଗପୁର ମନ୍ଦିରୀୟା ଗ୍ରାମ ୱାର୍ଡ ନମ୍ବର ୧୦ ନିକଟରେ ଏବଂ ଜରୁମାଲ ସିଂଘାପଡ଼ାଠାରେ ନିର୍ମିତ ଅଣ୍ଡରପାସ୍ ଉଦଘାଟିତ ହୋଇଛି । ମନ୍ଦିରୀୟା ଗ୍ରାମ ୱାର୍ଡ ନମ୍ବର ୧୦ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଚକ୍ରଧରପୁର ଏସଏସସି ଶିବପ୍ରସାଦ ସିଂଙ୍କ ତତ୍ତ୍ୱାବଧାନ ତଥା ଝାରସୁଗୁଡ଼ା ସିଗନାଲ ବିଭାଗ କର୍ମଚାରୀ ମାଦୁଲା ଦେଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ବିଜେପି ନେତା ଉପେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ୧୦ ନମ୍ବର ୱାର୍ଡ କାଉନସିଲର ଗାନ୍ଧାରୀ ମିଞ୍ଜ, ସମ୍ବାଦିକ ଆଶିଷ ଶତପଥୀ, ଜିତେନ୍ଦ୍ର ଦାଶ, ସୁଭାଷ ବେହେରା, ରାମପ୍ରବେଶ ଚୌଧରୀ ଯୋଗଦେଇଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୂର୍ବରୁ ସ୍କୁଲ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ବିକାଶ ଚୌଧୁରୀ, ସୁରେଶ ଗଡ଼ତିୟା, ଆରପିଏଫ ଅଧିକାରୀ ଆରଏନ ଯାଦବ, ରେଳ ବିଭାଗ କର୍ମଚାରୀ ଏବଂ ସୁରକ୍ଷାକର୍ମୀ ତଥା ଗ୍ରାମବାସୀ ଉପସ୍ଥିତ ରହିଥିଲେ । ସେହିପରି ଜରୁମାଲ ସିଂଘାପଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ନରସିଂହ ମିଞ୍ଜ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ।

## ରାଜୀବ କରଣଙ୍କ ସ୍ମୃତିସଭା



**ରାଉରକେଲା, ୨୬ ।୨(ସମିସ):** ସହରର ଜଣାଶୁଣା ଟିକେଟ କାଉଣ୍ଟରର ଟିକେଟ ବିକ୍ରେତା ତଥା ସମାଜସେବୀ ରାଜୀବ କୁମାର କରଣଙ୍କ ଦ୍ୱାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ସ୍ଥାନୀୟ ସେକ୍ଟର-୨ ସିଟୁ କାଉଣ୍ଟରର ବରିଷ୍ଠ କର୍ମକର୍ତ୍ତା ମୀନକେତନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସିଆଇଟିୟୁର ବରିଷ୍ଠ ନେତା ବିମାନ ମାଇତି, ବସନ୍ତ ନାୟକ, ରାଜକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ରାଜୀବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ । ସୁରେନ୍ଦ୍ର ବରାଳ, ଓସ୍କାର କୁଜୁର, ଗଗନ ଶତପଥୀ, ମଳୟ କୁମାର ଦାସ, ଟୁନା ମହାପାତ୍ର, ମନୋଜ ପଟ୍ଟନାୟକ, ଉମେଶ ଶରଣ, ଅଜୟ ଦାସ, ସୁଶାନ୍ତ ପଣ୍ଡା, ଦୀପକ ଦାସ, ନିରାପଦ ପଦି, ମନୋରଞ୍ଜନ ଦାଶ, ଶ୍ରୀକାନ୍ତ ଦାସ, ଶ୍ରୀମନ୍ତ ବେହେରା, ବାବୁନି ମହାପାତ୍ର, ଶୁକେନ୍ଦୁ ପାତ୍ର, ଜଗବନ୍ଧୁ ନାୟକ, ସୁରେନ୍ଦ୍ର ଦାଶ, ରାଜୀବ ନାୟକ, ବୁବୁ ପତି, ଦିଲୀପ ଧଳସାମନ୍ତ, ଅନିରୁଦ୍ଧ ସାମଲ, ନାରାୟଣ ମହାନ୍ତି, ଅରବିନ୍ଦ ଦାସ, ଦେବେନ୍ଦ୍ର ପରିଜା, ଅରୁଣ ନାୟକ ପ୍ରମୁଖ ସ୍ମୃତିଚାରଣ ସହ ତାଙ୍କ ସହ ବିତାଇଥିବା ମୁହୂର୍ତ୍ତକୁ ରୋମନ୍ଥନ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଥିବା ଟିକେଟ କାଉଣ୍ଟରର କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ରଥ ଶୁଭାରମ୍ଭ

**ବଣାଇଁ, ୨୬ ।୨(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ୍ରମେ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିରାକରଣ ନିମନ୍ତେ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି ।



ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଗ୍ରୀଷ୍ମଋତୁରେ ବିଭିନ୍ନ ସ୍ଥାନରେ ମନୁଷ୍ୟକୃତ୍ୟ ନିଆଁ ଲାଗି ଜଙ୍ଗଲ ସହିତ ବନ୍ୟଜନ୍ତୁ ମଧ୍ୟ ବିପଦରେ ପଡ଼ିଥାନ୍ତି । ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ବାର୍ତ୍ତା ନେଇ ଏହି ରଥ ପ୍ରତ୍ୟେକ ଗାଁ, ବନ ସଂରକ୍ଷଣ ସମିତି ଏବଂ ବିଭିନ୍ନ ଅନୁଷ୍ଠାନ ବୁଲିବ ଲୋକଙ୍କୁ ସଚେତନ କରିବ ବୋଲି କୁହାଯାଇଛି । ଏହି ରଥ ବଣାଇଁ ବନଖଣ୍ଡର ୭ଟି ବନାଞ୍ଚଳ ସୋଲ, ଜର୍ଡା, ତାମଡ଼ା, ବଣାଇଁ କୁଳିପୋଷ ବରସୁଆଁ, କୋଇଡ଼ା ଆଦିର ବିଭିନ୍ନ ଗାଁ ବୁଲି ଜଙ୍ଗଲ ସହ ଜୀବଜନ୍ତୁ ଏବଂ ପରିବେଶର ସୁରକ୍ଷା ବାର୍ତ୍ତା ପ୍ରଚାର କରିବ । ସହକାରୀ ବନ ସଂରକ୍ଷକ ସୁଶାନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି ରେଞ୍ଜର ଦୁର୍ଗାଚରଣ ମିଶ୍ର, ତ୍ରିଲୋଚନ ଶତପଥୀ, ବଣାଇଁ ବନପାଳ ଜ୍ଞାନରଞ୍ଜନ ମହାନ୍ତି, ଗଗନ ତ୍ରିପାଠୀ, ଦଶମୀ କିସାନଙ୍କ ସମେତ ବନରକ୍ଷୀ, ନିଆଁ ଲିଭାଇବା ପାଇଁ ନିୟୋଜିତ ସ୍କ୍ୱାଡ୍ କର୍ମଚାରୀ ଉପସ୍ଥିତ ଥିଲେ ।

## ଗାନ୍ଧୀ ମହାବିଦ୍ୟାଳୟ ଶ୍ରେଣୀଗୃହର ଶିଳାନ୍ୟାସ

**ରାଉରକେଲା, ୨୬ ।୨(ସମିସ):** ସ୍ଥାନୀୟ ଦେଓଗାଁସ୍ଥିତ ଗାନ୍ଧୀ ମହାବିଦ୍ୟାଳୟରେ ସୋମବାର ଏକ ନୂତନ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ।



ମହାବିଦ୍ୟାଳୟ ଅଧ୍ୟକ୍ଷା ଚନ୍ଦ୍ରିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ନାୟକ ଏବଂ ରାଉରକେଲା ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅତିଥି ଭାବେ ଯୋଗଦେଇଥିଲେ । ୮୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଶ୍ରେଣୀଗୃହର ଶିଳାନ୍ୟାସ କରାଯାଇଛି । ପୂଜାର୍ଚ୍ଚନା ପରେ ଶ୍ରମମନ୍ତ୍ରୀ ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ କୁଲକର୍ଣ୍ଣି ନଡ଼ିଆ ଭାଙ୍ଗି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ରାଉରକେଲା ମହାନଗର ନିଗମ କାର୍ଯ୍ୟ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଡ. ଅଶୋକ କୁମାର ବେଉରା, ଅଧ୍ୟାପିକା ପିୟାଲୀ ତ୍ରିପାଠୀ, ଆକାଉଣ୍ଟାଣ୍ଟ ହୃଷୀକେଶ ସାହୁ, କୈଳାସ ଚନ୍ଦ୍ର ଛୋଟରାୟ, ପିଇଟି ସୁବାସ ଚନ୍ଦ୍ର ବଳ, ସଞ୍ଜିତ ଛୋଟରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# 'ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଅପରାଜେୟ ରେକର୍ଡ ଅବ୍ୟାହତ'







**ରାଉରକେଲା, ୨୬ ।୨(ସମିସ)**

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୧୩ତମ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୩-୨୪ ରବିବାର ସମାପ୍ତ ହୋଇଛି । ରବିବାର ଭାରତୀୟ ପୁରୁଷ ଦଳ ଆୟର୍ଲ୍ୟାଣ୍ଡକୁ ୪-୦ ଗୋଲରେ ପରାସ୍ତ କରି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ତା'ର ଅପରାଜେୟ ରେକର୍ଡ ବଜାୟ ରଖିପାରିଛି ବୋଲି କହିଛନ୍ତି ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ୍ ସିଂହ । ପ୍ରୋ ଲିଗ୍ ପୁରୁଷ ହକିର ଗତକାଲି ଅନ୍ତିମ ଦିବସ ଥିବା ବେଳେ ବିଶ୍ୱର ସର୍ବଶ୍ରେଷ୍ଠ ତଥା ସର୍ବାଧିକ ଆସନ ବିଶିଷ୍ଟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଖୁନ୍ଦି ହୋଇଥିବା ଦର୍ଶକଙ୍କ ଖଚାଖଚ୍ ଭିଡ଼ ଆମକୁ ବେଶ୍ ଉତ୍ସାହିତ କରିଥିଲା ବୋଲି କହିଛନ୍ତି ହରମନପ୍ରୀତ୍ । ଏପରିକି ମ୍ୟାଚ ବିଜୟ ପରେ ଖୁସିରେ ବିଭୋର ହୋଇ ଫଟୋ ସେସନକୁ ଉପେକ୍ଷା କରି ହରମନପ୍ରିତ୍ ଦର୍ଶକଙ୍କ ଗ୍ୟାଲେରୀ ପାଖକୁ ଛୁଟିଥିଲେ ଏବଂ ଦର୍ଶକଙ୍କ ମୋବାଇଲ ଫୋନରେ ଗୋଟିଏ ପରେ ଗୋଟିଏ ସେଲଫି ନେଉଥିବା ଦୃଶ୍ୟ ତାଙ୍କ ଅଫୁରନ୍ତ ଖୁସିକୁ ବେଶ୍ ସ୍ପଷ୍ଟ କରୁଥିଲା ।

ହରମନପ୍ରୀତଙ୍କ ଅଧିନାୟକତ୍ୱ ଏବଂ ହାର୍ଦ୍ଦିକ ସିଂଙ୍କ ଉପଅଧିନାୟକତ୍ୱରେ ଭାରତୀୟ ଦଳ ସ୍ପେନ ବିପକ୍ଷରେ ୨-୨ (୮-୭) ଗୋଲରେ ବିଜୟୀ ହୋଇଥିଲା ବେଳେ ନେଦରଲ୍ୟାଣ୍ଡସ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଯଥାକ୍ରମେ ୧-୧ (୨-୪) ଏବଂ ୨-୨ (୦-୩) ଡ୍ର କରିଛନ୍ତି । ଭାରତ ୮ଟି ମ୍ୟାଚ ଖେଳି ୩ଟି ବିଜୟ, ୪ଟି ଡ୍ର, ୨ଟି ସୁଟ୍‌ଆଉଟ୍ ଓ ଗୋଟିଏରେ ପରାଜିତ ହୋଇ ମୋଟ ୧୫ ପଏଣ୍ଟ ସହ ଏଫଆଇଏଚ ହକି ପ୍ରୋ ଲିଗ୍-୨୦୨୩-୨୪ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଯିବାକୁ ସକ୍ଷମ ହୋଇଛି । ଅଥଚ ଆୟର୍ଲ୍ୟାଣ୍ଡ ୮ଟି ମ୍ୟାଚ ଖେଳି ମଧ୍ୟ ଖାତା ଖୋଲିବାରେ ସକ୍ଷମ ହୋଇପାରି ନ ଥିଲା । ଏହି ଅବସରରେ ଓଡ଼ିଶାର ହକିପ୍ରେମୀଙ୍କୁ କୃତଜ୍ଞତା ଜଣାଇ ହରମାନପ୍ରୀତ କହିଛନ୍ତି, ରାଉରକେଲାର ଏହି ସର୍ବଶ୍ରେଷ୍ଠ ହକି ଷ୍ଟାଡିୟମ୍‌ରେ ଖେଳିବା ଆମ ପାଇଁ ସର୍ବଦା ସ୍ୱତନ୍ତ୍ର ହୋଇଆସିଛି । ଅଗଣିତ ଦର୍ଶକଙ୍କ ଅବିଶ୍ୱସନୀୟ ସମର୍ଥନ ଆମ ପ୍ରଦର୍ଶନକୁ ଶକ୍ତି ପ୍ରଦାନ କରିଛି । ନିର୍ଦ୍ଧାରିତ ସମୟରେ ଆମେ ଗୋଟିଏ ବି ମ୍ୟାଚ ନ ହାରି ଏଠାରେ ଆମ ଅପରାଜେୟ ଧାରା ବଜାୟ ରଖିପାରିଛୁ । ରାଉରକେଲାରେ ଏହି ଅପରାଜେୟ ରେକର୍ଡରେ ଆମକୁ ଅନେକ ଖୁସି । ଆମେ ଏଠାରେ ଭଲ ପ୍ରଦର୍ଶନ କରିଥିଲୁ ଏବଂ ଶୀର୍ଷରେ ଥିବା ଚ୍ୟାଲେଞ୍ଜକୁ ଠିଆ କରିଥିଲୁ ବୋଲି ହରମନପ୍ରୀତ କହିଛନ୍ତି ।

ଦଳର ଉଦ୍ୟମକୁ ମଧ୍ୟ ପ୍ରଶଂସା କରି ସେ କହିଛନ୍ତି, ଏହା ପୂର୍ବରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଭାରତ ସ୍ପେନ୍ ବିପକ୍ଷରେ ୪-୧ ଗୋଲରେ ବିଜୟ ଲାଭ କରି ଭାରତ ଏଫଆଇଏଚ ହକି ପ୍ରୋ ଲିଗ୍ ୨୦୨୩-୨୪ ରତୁ ଆରମ୍ଭ କରିଥିଲା । ସେମାନଙ୍କ ପରବର୍ତ୍ତୀ ମ୍ୟାଚ୍‌ରେ ଭାରତୀୟ ଦଳ ଉଚ୍ଚ ସ୍କୋର୍‌ର ଖେଳରେ ଅଷ୍ଟ୍ରେଲିଆକୁ ହରାଇବା ପୂର୍ବରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନେଦରଲ୍ୟାଣ୍ଡସ ବିପକ୍ଷରେ ୨-୨ (୪-୨) ଡ୍ର ରେକର୍ଡ କରିଥିଲେ ଏବଂ ଏହା ପୂର୍ବରୁ ଆୟର୍ଲାଣ୍ଡ ବିପକ୍ଷରେ ୧-୦ ଗୋଲରେ ପରାସ୍ତ ହୋଇଥିଲେ । ଉପଅଧିନାୟକ ହାର୍ଦ୍ଦିକ ସିଂ ଅଧିନାୟକଙ୍କ ମତକୁ ଦୋହରାଇ କହିଛନ୍ତି, ଭୁବନେଶ୍ୱର ଏବଂ ରାଉରକେଲାରେ ଆମେ ଏହି ପ୍ରୋ ଲିଗ୍ ମ୍ୟାଚରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲୁ । ଏହା ଆମ ପାଇଁ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି । ବର୍ତ୍ତମାନ ଆମେ ଡ୍ରଇଂ ବୋର୍ଡକୁ ଫେରିଯାଇ ଏହାଠାରୁ କିପରି ଆମ ପ୍ରଦର୍ଶନକୁ ଆହୁରି ଉନ୍ନତ କରିପାରିବୁ ତା' ଉପରେ ବିଶ୍ଳେଷଣ କରିବୁ ।

ସୂଚନାଯୋଗ୍ୟ, ଭାରତୀୟ ଦଳ ଆସନ୍ତା ୨୨ ତାରିଖରୁ ବେଲଜିୟମର ଆଣ୍ଟୱର୍ପରେ ସେମାନଙ୍କ ଏଫଆଇଏଚ ହକି ପ୍ରୋ ଲିଗ୍ ୨୦୨୩-୨୪ ଅଭିଯାନ ଆରମ୍ଭ କରିବ ଯେଉଁଠାରେ ସେମାନେ ବେଲଜିୟମ ଏବଂ ଆର୍ଜେଣ୍ଟିନାକୁ ମୁକାବିଲା କରିବେ ଏବଂ ପରେ ଜୁନ୍ ୧ରୁ ଲଣ୍ଡନର ଲି ଭ୍ୟାଲି ହକି ଏବଂ ଟେନିସ୍ ସେଣ୍ଟରରେ ଜର୍ମାନୀ ଏବଂ ଗ୍ରେଟ ବ୍ରିଟେନ ବିପକ୍ଷ ମ୍ୟାଚ୍ ଖେଳିବେ ବୋଲି ଜଣାପଡ଼ିଛି ।

## ଜାଙ୍ଗଲାରେ ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ

**ବଣାଇଁ, ୨୬ ।୨(ସମିସ):** ବଣାଇଁ ବ୍ଲକ ଜାଙ୍ଗଲା ମନ୍ଦିର କମିଟି ପକ୍ଷରୁ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ସଂକୀର୍ତ୍ତନ ସୋମବାର ଉଦଯାପିତ ହୋଇଛି । ଦୁଇଦିନ ଧରି ଚାଲିଥିବା ଏହି



ହରିନାମ ସଂକୀର୍ତ୍ତନରେ ମହୁଲଡିହା, କେନାଭେଟା, ଲହୁଣୀପଡ଼ା, ବରପାଲି, ସମ୍ବଲପୁର ଇତ୍ୟାଦି ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଯୋଗଦେଇ ହରିନାମ ଗାନ କରିଥିଲେ । ଏଥିରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ ଯୋଗଦେଇ ଉପସ୍ଥିତ ସମସ୍ତ ଦଳକୁ ଆଧ୍ୟାତ୍ମିକ ପରିବେଶରେ ହରିନାମ ଗାନରେ ଉତ୍ସାହିତ କରିଥିଲେ । ଶେଷ ଦିନରେ ୧୦ରୁ ଊର୍ଦ୍ଧ୍ୱ କୀର୍ତ୍ତନ ଗାୟକଙ୍କ ସହିତ ଶହ ଶହ ଗ୍ରାମବାସୀ ନଗର କୀର୍ତ୍ତନରେ ସାମିଲ ହୋଇ ନଗର ପରିକ୍ରମା କରିବା ସହ ରଙ୍ଗ ଖେଳିଥିଲେ । ନାମଯଜ୍ଞ ଅବସରରେ ସମସ୍ତ କୀର୍ତ୍ତନ ମଣ୍ଡଳୀ ସଦସ୍ୟ ଏବଂ ଗ୍ରାମବାସୀଙ୍କ ପାଇଁ ଦିବାରାତ୍ର ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସଂକୀର୍ତ୍ତନ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଗ୍ରାମର ଲୋଚନ ପ୍ରଧାନ ଓ ବିଜୟଲକ୍ଷ୍ମୀ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ ।

# ଜାତୀୟ ଆଲୋଚନାଚକ୍ର ଉଦଯାପିତ



ସୁନ୍ଦରଗଡ଼,୨୬ ।୨(ସମିସ)

ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଓଡ଼ିଶା ପରିପ୍ରେକ୍ଷୀରେ ଭୂତାତ୍ତ୍ୱିକ ଗବେଷଣାର ନୂତନ ବିକାଶ' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦଯାପିତ ହୋଇଛି । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି ବର୍ତ୍ତମାନ ସମୟରେ ଭୂତାତ୍ତ୍ୱିକ ଗବେଷଣା କେତେ ଜରୁରୀ ସେ ସମ୍ପର୍କରେ କହିବା ସହ କାର୍ଯ୍ୟକ୍ରମର ନିଷ୍କର୍ଷ ସକାଶେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଆରାହା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏସପି ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ଶକ୍ତି ଏବଂ ସାମୂହିକ ବିକାଶ କ୍ଷେତ୍ରରେ ଭୂତାତ୍ତ୍ୱିକ ଗବେଷଣାର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ବରିଷ୍ଠ ଭୂତତ୍ତ୍ୱବିତ୍ ଡ. ଜୟନ୍ତ କୁମାର ନନ୍ଦ ଏବଂ ଡ. ମନୋରଞ୍ଜନ ମହାନ୍ତି, ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟର ପ୍ରଫେସର ଦୁର୍ଗାପାଳ କ୍ରିଟି ଯୋଗଦେଇଥିଲେ । ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଆଶୁତୋଷ ନାୟକଙ୍କ ସଂଯୋଜନା ଏବଂ ସହକାରୀ ପ୍ରଫେସର ଶିବପ୍ରସାଦ ମହାନ୍ତିଙ୍କ ପରିଚାଳନାରେ ଆଲୋଚନାଚକ୍ର ସମ୍ପାଦିତ ହୋଇଥିଲା । ଏଥିରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଡୁଡୁକା ଭେଷଜ ପଟେଲ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ଉଦ୍ୟାନ ଉଦଘାଟିତ ହୋଇଥିଲା । କାର୍ଯ୍ୟକ୍ରମରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. ସୁଧୀର କୁମାର ଦାଶ, ଅଧ୍ୟାପିକା ପ୍ରଜ୍ଞା ପାରମିତା ଦାସ, ଅଧ୍ୟାପିକା ରଶ୍ମିତା ପୃଷ୍ଟି, ଦୀପାଳି ପଟେଲ, ସୁକନ୍ୟା ଦାଶଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍କୁଟି ଧକ୍କାରେ ଛାତ୍ର ଆହତ

**ରାଉରକେଲା,୨୬ ।୨(ସମିସ):** ଉଦିତନଗର ଥାନା ବାସନ୍ତୀ କଲୋନୀ ଅଞ୍ଚଳରେ ସ୍କୁଟି ଧକ୍କାରେ ଜଣେ ଛାତ୍ର ଆହତ ହୋଇଥିବା ଅଭିଯୋଗ ହୋଇଛି । ରବିବାର ଅପରାହ୍ନ ପ୍ରାୟ ୧ଟା ବେଳେ ସ୍ଥାନୀୟ ବିଏସଏନ୍ଏଲ ଛକରେ ଏହି ଦୁର୍ଘଟଣା ଘଟିଛି । ସୂଚନା ମୁତାବକ, ମାଲଗୋଦାମ ପଟୁ ସ୍କୁଟି ଯୋଗେ ନାବାଳକ ଉକ୍ତ ଛକ ଆଡ଼କୁ ଆସୁଥିଲେ । ଅନ୍ୟ ଜଣେ ନାବାଳକ ଛାତ୍ର, ବିଏଲ/୧୭୦ ବାସିନ୍ଦା ଅଖିଳେଶ ଚୌଧୁରୀ (୮) ଚାଲି ଚାଲି ଯାଉଥିଲେ । ସ୍କୁଟି ଚାଳକ ପ୍ରଥମେ ଜଣେ ମହିଳାଙ୍କୁ ଧକ୍କାଦେବା ପରେ ଅଖିଳେଶଙ୍କୁ ଧକ୍କା ଦେଇଥିଲେ । ଫଳରେ ସେ ରାସ୍ତାରେ ପଡ଼ି ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ହେଲେ ମହିଳାଙ୍କର କୌଣସି କ୍ଷତି ହୋଇନାହିଁ । ଅନ୍ୟପଟେ ସମ୍ପୃକ୍ତ ନାବାଳକ ସ୍କୁଟି ଚାଳକଙ୍କୁ ଧରି ଲୋକେ ପରିବାର ନିକଟରେ ଅଭିଯୋଗ କରିଥିଲେ । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି । ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ସୂଚନାଯୋଗ୍ୟ, ସହରର ବିଭିନ୍ନ ଅଞ୍ଚଳରେ ଏଭଳି ବେପରୁଆ ନାବାଳକ ବାଇକ ଚାଳକଙ୍କ ଉତ୍ପାତ ଦେଖିବାକୁ ମିଳୁଛି । ପୁଲିସ ପ୍ରଶାସନ ପକ୍ଷରୁ ଏହି ଦିଗ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



## ବୃଦ୍ଧାଙ୍କୁ ହତ୍ୟାକରି ଅଭିଯୁକ୍ତ ଫେରାର

ସୁନ୍ଦରଗଡ଼,୨୬ ।୨(ସମିସ): ତଳସରା ଥାନା ଅନ୍ତର୍ଗତ କିରାଲଗା ଗ୍ରାମକୁ କୁଣିଆଁ ଆସିଥିବା ଝାଡ଼ଖଣ୍ଡର ଜଣେ ବ୍ୟକ୍ତି ବୃଦ୍ଧାଙ୍କୁ ହତ୍ୟାକରି ଫେରାର ହୋଇଯାଇଛି । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । କିରାଲଗା ଗ୍ରାମର ରଶ୍ମିତା ଟେଟେ (୬୦)ଙ୍କ ସ୍ୱାମୀ ବାହାରେ ରହୁଥିବା ବେଳେ ସେ ତାଙ୍କ ଅବିବାହିତ ପୁଅ ସହ ଘରେ ରହୁଥିଲେ । ରବିବାର ପୁଅ ଘରେ ନ ଥିବା ସମୟରେ ତାଙ୍କ ପଡ଼ୋଶୀ ଘରକୁ କୁଣିଆଁ ଆସିଥିବା ଝାଡ଼ଖଣ୍ଡର ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ରଶ୍ମିତାଙ୍କ ପୁଅ ଏବଂ ଅନ୍ୟ ସମ୍ପର୍କୀୟମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଉରକେଲାର ଏକ ଘରୋଇ ଡାକ୍ତରଖାନା ନେଇଥିଲେ । ମାତ୍ର ସେଠାରେ ତାଙ୍କ ମୃତ୍ୟୁ ଘଟିଛି । ପୁଲିସ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚଳାଇଛି ।

## ବରସୁଆଁ ଲୌହଖଣି ଶାଖାରେ ପ୍ରତିଷ୍ଠା ଦିବସ ପାଳିତ




ରାଉରକେଲା,୨୬ ।୨(ସମିସ)

ରାଉରକେଲା ମଜଦୁର ସଭାର ବରସୁଆଁ ଲୌହଖଣି ଶାଖା ଟେନସାସ୍ଥିତ କାର୍ଯ୍ୟାଳୟରେ ସଂଗଠନର ୬୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ରାଉରକେଲା ମଜଦୁର ସଭାର ପୂର୍ବତନ ସାଧାରଣ ସମ୍ପାଦକ, ଶ୍ରମିକ ସମାଜର ଅଦ୍ୱିତୀୟ ନେତା ସ୍ୱର୍ଗତ ରାଜକିଶୋର ସାମନ୍ତରାୟଙ୍କ ତୈଳଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ବରସୁଆଁ ଲୌହଖଣିର ପୂର୍ବତନ ବରିଷ୍ଠ ଶ୍ରମିକ ନେତା ପୂର୍ଣ୍ଣଚନ୍ଦ୍ର ଦାସଙ୍କ କିଛିଦିନ ପୂର୍ବରୁ ଦେହାନ୍ତ ହୋଇଥିଲା । ଏହି ଅବସରରେ ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

କୃଷ୍ଣଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହିନ୍ଦ୍ ମଜଦୁର ସଭା କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ହିନ୍ଦ୍ ମଜଦୁର ସଭା ଉପସଭାପତି ଗୁଣନିଧି ବଳ, ସମ୍ପାଦକ ପ୍ରମୋଦ କୁମାର ଦାସ, ରାଉରକେଲା ମଜଦୁର ସଭାର ସମ୍ପାଦକ ସରୋଜ କୁମାର ରାଉଳ, ରାଜେଶ କୁମାର ବେହେରା ମଞ୍ଚାସୀନ ଥିଲେ । ସଂଗଠନର ବରସୁଆଁ ଶାଖା ସମ୍ପାଦକ ରାଜେଶ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହ ସଂଗଠନର ବିଗତ ଦିନରେ ହାସଲ ହୋଇଥିବା କାର୍ଯ୍ୟ ଏବଂ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ କାର୍ଯ୍ୟଧାରା ବିଷୟରେ କହିଥିଲେ । ମୁଖ୍ୟଅତିଥି ଦାସ ତାଙ୍କ ଭାଷଣରେ ରାଉରକେଲା ମଜଦୁର ସଭାର ଦୀର୍ଘ ୬୯ ବର୍ଷର ସଫଳତା, ସଂଘର୍ଷ, ଆନ୍ଦୋଳନ, ସାଂଗଠନିକ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ସଭାପତି ରାଉତ ସଂଗଠନର ନେତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ସମସ୍ତେ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ । ଗୁଣନିଧି ବଳ, ପ୍ରମୋଦ କୁମାର ଦାସ, ନରେଶ ନାୟକ, ଏସ୍‌କେ ସିରାଜୁଦ୍ଦିନ୍, ଭଗବାନ ବେହେରା, ପ୍ରଧାନ ପୂର୍ତ୍ତି, କମଳ ରାୟ, ପାଣ୍ଡବ ମାଝୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଶରତ ମଲ୍ଲ, ଜଗନ୍ନାଥ ମଣ୍ଡଳ, ସନ୍ତୋଷ ନାଥ, ସର୍ବେଶ୍ୱର ନାୟକ, ସରୋଜ କୁମାର ସାହୁ, ଦୀପକ କୁମାର ଦାସ, ଅବିନାଶ ସାହୁ, ଜଗଦୀଶ ବେହେରା, ପ୍ରୀତିରେଖା ପରିଡ଼ା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନାନଶି ମୁଣ୍ଡା, ଶ୍ରାବଣୀ ବାନାର୍ଜୀ, ସ୍ନେହଲତା ଦାସ, ଗ୍ରାଭିୟର ଟୋପ୍ପ, ଅନିତା ତିର୍କୀ, ଦୀପ୍ତିରେଖା ପରିଡ଼ା ସହଯୋଗ କରିଥିଲେ । ସିଷ୍ଟର ନିର୍ମଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଏକ ପ୍ରତିନିଧି ମଣ୍ଡଳୀ ବରସୁଆଁ ଲୌହଖଣି ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ତାଙ୍କୁ ସାକ୍ଷାତ କରି ଶ୍ରମିକ କର୍ମଚାରୀମାନଙ୍କ ବହୁବିଧ ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ମହାପ୍ରବନ୍ଧକ ତିଲକ ପଟ୍ଟନାୟକ, ପରର୍ସନାଲ ବିଭାଗ ପ୍ରବନ୍ଧକ ଏନ୍‌ସି ପଣ୍ଡା, ଶ୍ରୀଜନ ହାଁସଦା ଉପସ୍ଥିତ ଥିଲେ ।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ମହିଳା ହକି

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍



**ରାଉରକେଲା,୨୬ ।୨(ସମିସ):** ଆସାମ ଗୌହାଟୀଠାରେ ଅନୁଷ୍ଠିତ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟସ୍ତରୀୟ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିଅନ୍ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଛି । ସମ୍ବଲପୁର ମହିଳା ହକି ଟିମ୍ ଗ୍ୱାଲିୟର ଆଇଟିଏମ ଦଳକୁ ୫-୩ ଗୋଲରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି ।

## ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

ସୁନ୍ଦରଗଡ଼,୨୬ ।୨(ସମିସ): ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଗତ ୧ ତାରିଖ ଝାରସୁଗୁଡ଼ା ବଡ଼ମାଲ ଥାନା ଅଞ୍ଚଳର ତ୍ରିବେଣୀ କୁମାର (୫୦) ତାଙ୍କ ପୁଅ ଖୁମେରଲାଲ କୁମାରଙ୍କ ସହ ବାଇକରେ ଯାଉଥିବା ବେଳେ ମସ୍କିକାନୀ ଟୋଲ ପ୍ଲାଜା ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଏଥିରେ ତ୍ରିବେଣୀ ଗୁରୁତର ଆହତ ହୋଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲ ନେଇଥିଲେ । ସେଠାରେ ତାଙ୍କ ମୃତ୍ୟୁ ଘଟିଛି । ଏ ନେଇ ପୁଲିସ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ି ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବ୍ରହ୍ମପୁର, ୨୬ ।୨(ସମିସ):** ଗଞ୍ଜାମ ଜିଲ୍ଲା ପ୍ରଶାସନ ତରଫରୁ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ, ଡା ସର୍ବଣା ବିବେକ ଏମ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଞ୍ଜାମ ଜିଲ୍ଲା ପରିଷଦ ପ୍ରତାପ ଚନ୍ଦ୍ର ପ୍ରଧାନ, ବ୍ରହ୍ମପୁର ଅତିରିକ୍ତ ଉପଜିଲ୍ଲାପାଳ ଡ଼ ଗୌରବମୟ ପ୍ରଧାନ ଯୋଗଦେଇ ଶୁଣାଣି କରିଥିଲେ । ସୋମବାର ମୋଟ ୮୦ଟି ଅଭିଯୋଗ ହୋଇଥିଲା । ସେଥିମଧ୍ୟରୁ ୭୪ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୬ଟି ଗ୍ରାମର




ସାମୁହିକ ଅଭିଯୋଗ ଥିଲା । ୯ଗୋଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା । ଜିଲ୍ଲାପାଳ ୨ଜଣଙ୍କୁ ୫୫ହଜାର ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଏବଂ ୨ଜଣଙ୍କୁ ୮ହଜାର ଟଙ୍କା ରେଡ଼କ୍ରସରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରରେ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଜିଲ୍ଲାପାଳ ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ବଣାଇଁରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



**ବଣାଇଁ,୨୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗାଭାଲି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହ କେତେକ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ । ଏଥିରେ ମୋଟ ୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୨୯ଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗଗୁଡ଼ିକ ମୁଖ୍ୟତଃ ଆବାସ ଯୋଜନା, ରାସ୍ତା, ଡ୍ରେନ, ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା, ରାସନ କାର୍ଡ, ସ୍ୱାସ୍ଥ୍ୟ, ଗ୍ରାମ୍ୟରାସ୍ତା, ଶୌଚାଳୟ, ପୋଖରୀ ପୁନରୁଦ୍ଧାର, ଅଙ୍ଗନବାଡ଼ି, ସ୍କୁଲ ଆଦି ଉପରେ ଆଧାରିତ ଥିଲା । ଅଭିଯୋଗ ଗୁଡ଼ିକର ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ୩ ଜଣଙ୍କୁ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୁଃଖିବନ୍ଧୁ ନାଏକ, ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର, ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ତଥା ଜନସାଧାରଣ ଉପସ୍ଥିତ ଥିଲେ ।

## ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର

**ବ୍ରହ୍ମପୁର, ୨୬ ।୨(ସମିସ):** ସ୍ଥାନୀୟ ଶଶି ଭୂଷଣ ରଥ ସ୍ୱୟଂଶାସିତ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ ସ୍ୱାସ୍ଥ୍ୟ ସଚେତନତା ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଚିତ୍ତରଞ୍ଜନ ଶତପଥୀ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଡ଼. ଅରୁନ୍ଧତୀ ରଥ ଯୋଗଦେଇ ଉପସ୍ଥିତ ଛାତ୍ରୀ ଓ ମିଶନ ଶକ୍ତିର ମହିଳା ମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା କରିଥିଲେ । ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ଡ. ନମିତା କୁମାରୀ ମହାପାତ୍ର କାର୍ଯ୍ୟକ୍ରମରେ ପ୍ରାରମ୍ଭ ସୂଚନା ପ୍ରଦାନ କରିଥିବା ସହ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଓଡ଼ିଆ ବିଭାର ଅଧ୍ୟାପକ ଶାନ୍ତନୁ ସୁନା ସଂଯୋଜନା କରିଥିବା ବେଳେ ଡ଼. ମନୀଷା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଗାଲୁଆ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୨୬ ।୨(ସମିସ):** ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନଠାରେ କର୍ଣ୍ଣମୂଳଶୋଥଓବାଗାଲୁଆରୋଗସଚେତନାଓମାଗଣାସ୍ୱାସ୍ଥ୍ୟଶିବିରଅନୁଷ୍ଠିତହୋଇଯାଇଛି । ଏଥିରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଯୋଗଦେଇ ବସନ୍ତ ଋତୁରେ ଖଟା, ଥଣ୍ଡା ଖାଇଲେ ଓ ଖୋଲା ପବନରେ ଅଧିକ ବୁଲିଲେ ଥଣ୍ଡା ହୋଇ ଭୂତାଣୁ ସଂକ୍ରମିତ ହୁଏ ବୋଲି ସଚେତନ କରିଥିଲେ । ଏହା ସହ ପ୍ରାୟତଃ ୫ରୁ ୧୫ବର୍ଷ ପିଲାଙ୍କ କର୍ଣ୍ଣ ମୂଳ ଗ୍ରନ୍ଥି ଫୁଲି ଜ୍ୱର, ମୁଣ୍ଡବ୍ୟଥା, ଅରୁଚି, ସର୍ବାଙ୍ଗ ବ୍ୟଥା, ପାଟି ଖୋଲିଲେ ବ୍ୟଥା ଖାଦ୍ୟ ଗିଳିବାରେ କଷ୍ଟ ହୁଏ । ଅପଥ୍ୟ କଲେ ଉଭୟ କାନ ମୂଳ ଫୁଲିଯାଏ । ଏହାର ନିରାକରଣ ନିଅନ୍ତେ ଦୁଦୁରା ପତ୍ର ବାଟି ସୋରିଷ ତେଲ ସହ ଭାଜି ଲଗାଇବେ ଭଲ ହୁଏ । ସେହିପରି ଶୁଣ୍ଠି, ପିପ୍ପଳୀ, କଳାମରିଚ, ସୈନ୍ଧବ ଲବଣ ମିଶାଇ ଖାଇଲେ ଭଲ ହୋଇଯାଏ । ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଡି. ଶ୍ରୀନିବାସ ଶିବିରର ପରିଚାଳନାରେ ସହଯୋଗ କରିଥିଲେ ।



# ସିଟିଭିଏସ୍ ବିଭାଗରେ ଖୋଲିଲା ୬ ଶଯ୍ୟା ବିଶିଷ୍ଟ ଆଇସିୟୁ



ବ୍ରହ୍ମପୁର, ୨୬ ।୨(ସମିସ)

ଏମକେସିଜି ମେଡ଼ିକାଲର କାର୍ଡିଓ ଥୋରାସିସ ଆଣ୍ଡ ଭାସ୍କୁଲାର ସର୍ଜରୀ(ସିଟିଭିଏସ) ବିଭାଗରେ ନୂତନ ଭାବେ ୬ଟି ଶଯ୍ୟା ବିଶିଷ୍ଟ ଆଇସିୟୁ ଖୋଲିଛି । ଫଳରେ ଉକ୍ତ ବିଭାଗରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କୁ ସଠିକ ସମୟରେ ଉତ୍ତମ ଚିକିତ୍ସା ମିଳିପାରିବ ବୋଲି ଆଶା କରାଯାଇଛି । ସୋମବାର ଏମ୍‌କେସିଜି ମେଡ଼ିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା କୁମାରୀ ଦାଶ ଓ ବିଭାଗୀୟ ଦାୟିତ୍ୱରେ ଥିବା ଆସୋସିଏଟ ପ୍ରଫେସର ଡାକ୍ତର ସାରଦା ପ୍ରସନ୍ନ ସାହୁଙ୍କ ସମେତ ବିଭାଗର ନର୍ସିଂ ଅଫିସର ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ । ପିଏମଏସଏସୱାଇ କୋଠାର ପଞ୍ଚମ ମହଲାରେ ୬ଶର୍ଯ୍ୟ ବିଶିଷ୍ଟ ଆଇସିୟୁ ଆରମ୍ଭ ହୋଇଛି । ଏହି ବିଭାଗରେ ୨୧ଟି ସାଧାରଣ ଶଯ୍ୟା ରହିଛି । ପ୍ରତି ସପ୍ତାହରେ ସୋମବାର ଓ ଗୁରୁବାର ଓପିଡ଼ି ରହିଥିବା ବେଳେ ୨୦ରୁ ୨୫ଜଣ ରୋଗୀ ଏଠାକୁ ଆସୁଛନ୍ତି । ରୋଗୀଙ୍କ ଚିକିତ୍ସା ନିମନ୍ତେ ଜଣେ ଆସୋସିଏଟ ପ୍ରଫେସର ରହିଥିବା ବେଳେ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି । ଏହା ସହିତ ଜଣେ ଲେଖାଏଁ ସିନିୟର ରେସିଡାଣ୍ଟ ଓ ଜୁନିୟର ରେସିଡାଣ୍ଟ ରହିଛନ୍ତି । ପୂର୍ବରୁ ଇନଡୋରରେ ଚିକିତ୍ସିତ ଗୁରୁତର ରୋଗୀମାନଙ୍କୁ ଏମକେସିଜି ମେଡ଼ିକାଲର ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସା କରାଯାଉଥିବା ବେଳେ ଅନେକ ସମୟରେ ଶଯ୍ୟା ଅଭାବରୁ ରୋଗୀଙ୍କୁ କଟକ ଏସସିବି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଉଥିଲା । ଏହି ସମୟରେ ବହୁ ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇବା କଷ୍ଟକର ହେଉଥିଲା । ବର୍ତ୍ତମାନ ବିଭାଗରେ ଆଇସିୟୁ ଖୋଲାଯାଇଥିବା ବେଳେ ବହୁ ଗୁରୁତର ରୋଗୀ ଏଥିଦ୍ୱାରା ଉପକୃତ ହେବେ ।

ଉତ୍ତମ ଚିକିତ୍ସା ସେବା ପାଇବେ ଗୁରୁତର ରୋଗୀ

ଆଇସିୟୁ ପରିଚାଳନା ନିମନ୍ତେ ଜଣେ ଲେଖାଏଁ ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ସର୍ଜନ, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର୍ ରେସିଡାଣ୍ଟ ଡାକ୍ତର ରହିଛନ୍ତି । ଏହା ସହ ନର୍ସିଂ ଅଫିସର ଓ ଆଟେଣ୍ଡାଣ୍ଟଙ୍କ ସମତେ ମେଡିକାଲ ପକ୍ଷରୁ ବିଭିନ୍ନ କର୍ମଚାରୀ ଯୋଗାଇ ଦିଆଯାଇଥିବା ଦାୟିତ୍ୱରେ ଥିବା ବିଭାଗୀୟ ମୁଖ୍ୟ ଆସୋସିଏଟ ପ୍ରଫେସର ଡା. ସାରଦା ପ୍ରସନ୍ନ ସାହୁ କହିଛନ୍ତି । ବର୍ତ୍ତମାନ ବିଭାଗରେ ମେଡ଼ିକାଲର ଭାସ୍କୁଲାର ସର୍ଜରୀ ଓ ଥୋରାସିସ ସର୍ଜରୀ କରାଯାଉଛି । ଏହି ସମୟରେ ଯଦି ରୋଗୀ ଗୁରୁତର ହୁଅନ୍ତି ତେବେ ସେମାନଙ୍କୁ ଆଇସିୟୁରେ ରଖି ଚିକିତ୍ସା କରିହେବ । ଏହା ସହ ଓପେନ୍ ହାର୍ଟ ସର୍ଜରୀ ନିମନ୍ତେ ସମସ୍ତ ପ୍ରକାର ଯନ୍ତ୍ରପାତି ଓ ଜଣେ ପରର୍ଫ୍ୟୁଜନିଷ୍ଟ ଆବଶ୍ୟକ ରହିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାହା ଯୋଗାଇ ଦିଆଗଲେ ଏମକେସିଜି ମେଡ଼ିକାଲରେ ମଧ୍ୟ ଓପେନ୍ ହାର୍ଟ ସର୍ଜରୀ ଆରମ୍ଭ ହୋଇପାରିବ ବୋଲି ଡା. ସାହୁ କହିଛନ୍ତି । ଅନ୍ୟପକ୍ଷରେ କିଛି ବର୍ଷ ହେବେ ବିଭାଗରେ ପ୍ରଫେସର ପଦବୀ ଖାଲିପଡ଼ିଥିବା ବେଳେ ଆଇସିୟୁ ଖୋଲିବା ପରେ ତାହା ମଧ୍ୟ ପୂରଣ ହେବ ବୋଲି ଜଣାପଡ଼ିଛି । ସମ୍ପ୍ରତି ଏହି ବିଭାଗରେ ଖୋଲିଥିବା ଆଇସିୟୁରେ ୬ଟି ଶଯ୍ୟା ରହିଥିବା ବେଳେ ଆବଶ୍ୟକ ସ୍ଥଳେ ଗୁରୁତରଙ୍କୁ ସେଣ୍ଟ୍ରାଲ ଆଇସିୟୁକୁ ସ୍ଥାନାନ୍ତର କରି ଚିକିତ୍ସା କରାଯିବା ବ୍ୟବସ୍ଥା ମଧ୍ୟ ରହିଛି ।

ଅନ୍ୟପକ୍ଷରେ ଦୀର୍ଘ ୨୦ବର୍ଷ ପୂର୍ବେ ଏମକେସିଜି ମେଡ଼ିକାଲ ସିଟିଭିଏସ ବିଭାଗରେ ଓପନ ହାର୍ଟ ସର୍ଜରୀ ହେଉଥିଲା । ସେହି ସମୟରେ ମାତ୍ର ୪ରୁ ୫ଟି ସର୍ଜରୀ କରାଯାଇଥିଲା । ପରବର୍ତ୍ତୀ ସମୟ ବରିଷ୍ଟ ଡାକ୍ତରଙ୍କ ଅନ୍ୟତ୍ର ବଦଳି ହେବା ପରେ ସେବେଠାରୁ ଓପନ ହାର୍ଟ ସର୍ଜରୀ ମେଡ଼ିକାଲରେ ବନ୍ଦ ରହିଥିଲା । ବର୍ତ୍ତମାନ ବିଭାଗରେ ଆଇସିୟୁର ବ୍ୟବସ୍ଥା ହୋଇଥିବା ବେଳେ ଆଗାମୀ କିଛି ମାସ ମଧ୍ୟ ଓପନ ହାର୍ଟ ସର୍ଜରୀ ଆରମ୍ଭ ହେବେ ବୋଲି ଜଣାପଡ଼ିଛି । ଏହା ଦ୍ୱାରା ଦକ୍ଷିଣ ଓଡ଼ିଶା ଅନେକ ରୋଗୀ ଉପକୃତ ହେବେ ।

# ଅତ୍ୟାଧୁନିକ ଜିଲ୍ଲା ଡାକ୍ତରଖାନା ଲୋକାର୍ପିତ

**ସୋନପୁର, ୨୬ ।୨(ସମିସ)**

ଜିଲ୍ଲାବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ ହୋଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡି ହୋଇଛି। ନୂତନ ଭାବେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଜିଲ୍ଲା ଡାକ୍ତରଖାନା ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହାର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ରୟାଲ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ତାମସି ତାମସ୍ମିତା ନାଏକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ରଙ୍କ ସହ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେବଳ ଯେ ରୋଗୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ରହିଛି ତାହା ନୁହେଁ; ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ୬୦ ଶଯ୍ୟା ବିଶିଷ୍ଟ ବିଶ୍ରାମାଗାର ମଧ୍ୟ ନିର୍ମାଣ ହୋଇଛି। ଏହି ନବ ନିର୍ମିତ ଜିଲ୍ଲା ଡାକ୍ତରଖାନା ୩୦୦ ଶଯ୍ୟା ବିଶିଷ୍ଟ ରହିଛି। ସିଟି ସ୍କାନ, ନୂଆ ଏମର୍ଜେନ୍ସି ୟୁନିଟ, ଡାଏଲିସିସି, ସେଣ୍ଟ୍ରାଲ ଲାବ୍, ସେଣ୍ଟ୍ରାଲ ଡାଇଗ୍ନୋଷ୍ଟିକ୍ ୟୁନିଟ୍, ସ୍ୱତନ୍ତ୍ର ଇନଫେକସନ୍ ୟୁନିଟ୍ ଆଦି ରହିଛି। ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର ଏବଂ ମିଶନ ଶକ୍ତି କାଫେ ମଧ୍ୟ ଖୋଲାଯାଇଛି।





**ବୀରମହାରାଜପୁର:** ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ 'ଆମ ହସ୍ପିଟାଲ' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ଜରିଆରେ ଲୋକାର୍ପିତ ହୋଇଛି। ବୀରମହାରାଜପୁରରେ ବିଧାୟକ ପଦ୍ମନାଭ ବେହେରା ଉପସ୍ଥିତ ରହି ଫଳକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବ୍ଳକ ଅଧ୍ୟକ୍ଷ ଶାନ୍ତି ଲୁହା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ଜଟେସିଂହା ସମିତି ସଭ୍ୟ ରଶ୍ମିତା ପାଣ୍ଡେ, ପୂର୍ବତନ ବ୍ଳକ ଅଧ୍ୟକ୍ଷ ରଞ୍ଜିତ ରଥ, ସ୍ୱୟମ୍ଭୁନାଥ ଖଣ୍ଡଗିରି ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ସଞ୍ଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ବିଷ ଖୁଆଇ ହତ୍ୟା ଅଭିଯୋଗ

**ବଲାଙ୍ଗିର,୨୬ ।୨(ସମିସ):** ଭାଉଜ ସହ ଶାରୀରିକ ସଂପର୍କ ରଖିଥିଲେ ସ୍ୱାମୀ। ଏହାକୁ ପତ୍ନୀ ବାରଣ କରିବାରୁ ଭାଉଜ ସହ ମିଶି ପତ୍ନୀଙ୍କୁ ବିଷ ଖୁଆଇ ମାରିଦେଲେ। ଏଭଳି ଏକ ଅଭିଯୋଗ ନେଇ ନ୍ୟାୟ ପାଇଁ ବଲାଙ୍ଗିର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଗ୍‌ଝରନ୍ ଗାଁର ମହିଳା ଅଇଁଲା ପୁଞ୍ଜୀ। ଅଭିଯୋଗକାରିଣୀଙ୍କ ଝିଅ ତପସ୍ମିନୀ ନାଗ (୨୬) ୭ ବର୍ଷ ତଳେ ବାଙ୍କିବାହାଲର ମହେଶ୍ୱର ନାଗଙ୍କୁ ବିବାହ କରିଥିଲେ। ଝିଅ ତପସ୍ୱିନୀଙ୍କ ଅନୁସାରେ, ମହେଶ୍ୱର ତାଙ୍କ ଭାଉଜଙ୍କ ସହିତ ଶାରୀରିକ ସଂପର୍କ ରଖି ଆସୁଥିଲେ। ଗତ ଜାନୁଆରୀ ୧୯ ତାରିଖରେ ତପସ୍ୱିନୀ ଏନେଇ ପଚାରିବାରୁ ମହେଶ୍ୱର, ତାଙ୍କ ଭାଉଜ ଏବଂ ସାଧ ନାଗ କାଠଫାଳରେ ନିସ୍ଥୁକ ମାଡ଼ ମାରି ଗାଳିଗୁଲଜ କରିଥିଲେ। ପରେ ତପସ୍ୱିନୀଙ୍କୁ ବିଷାକ୍ତ ଔଷଧ ଜୋର୍‌ଜବର୍‌ଦସ୍ତ ପିଆଇ ଦେଇଥିଲେ। ପରେ ତପସ୍ୱିନୀ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ ହସ୍‌ପିଟାଲ୍‌ରେ ପ୍ରାଣ ହରାଇଥିଲେ। ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଇଁଲା ଏସ୍‌ପିଙ୍କୁ ଜଣାଇଛନ୍ତି।



## ଏନ୍‌ଏସି ଦାବିରେ ଆଜି ସୁବଳୟା ବନ୍ଦ ଡକରା

**ସୁବଳୟା, ୨୬ ।୨ (ସମିସ):** ବୀରମହାରାଜପୁର ବ୍ଳକର ସୁବଳୟାକୁ ଏନଏସି ଦାବିରେ ସୋମବାର ସ୍ଥାନୀୟ ସଚେତନତା ନାଗରିକ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ମଙ୍ଗଳବାର ସୁବଳୟା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁବଳୟା ସମସ୍ତ ସ୍କୁଲ କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ଗାଡି ମୋଟର ଚଳାଚଳ ମଧ୍ୟ ବନ୍ଦ ରହିବ। ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ର ଓ ସାମ୍ବାଦିକ ରାଜେଶ ସେଠୀଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ନନ୍ଦି କିଶୋର ମିଶ୍ର, ସାମ୍ବାଦିକ ସଞ୍ଜିବ ମେହେର, ପୂର୍ଣ୍ଣଚନ୍ଦ୍ର ମେହର, ହର ସାହୁ, ସଞ୍ଜୟ ବାଗ, ଯଦୁମଣି ମେହେରଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ସାମିଲ ହୋଇଥିଲେ।



## ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗିର,୨୬।୨(ସମିସ):** ବଲାଙ୍ଗିର ସହର ନିକଟସ୍ଥ କଦଳୀମୁଣ୍ଡା ନର୍ସରୀ ଠାରେ ସିକାଛିଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିରାକାର ସାଏଙ୍କ ତତ୍ତ୍ୱାବଧାନରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରୁ ଭିନ୍ନ ଭିନ୍ନ ସମୟରେ ଅବସର ନେଇସାରିଥିବା ୧୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ସୁଦାମଚନ୍ଦ୍ର ବହିଦାର, ଅକ୍ଷୟ ପାଢ଼ୀ, ଗାୟତ୍ରୀ ସାହୁ, ବିଜୟଲକ୍ଷ୍ମୀ ଷଡ଼ଙ୍ଗୀ, ବିଜୟଲକ୍ଷ୍ମୀ ସାହୁ, ଶକୁନ୍ତଳା କର, ସ୍ନେହାଞ୍ଜଳି ମିଶ୍ର, ଅନୁପମା ପାଣ୍ଡିଆ, ପ୍ରତିମା ମିଶ୍ର, ବିଦ୍ୟୁତ୍‌ପ୍ରଭା ମହାପାତ୍ର। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶିକାଛିଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ସ୍ମିତାରାଣୀ ତ୍ରିପାଠୀ, ଚନ୍ଦ୍ରକାନ୍ତି ସିଂ, ସଂଯୁକ୍ତା ପାଣିଗ୍ରାହୀ ଓ ଶିକ୍ଷକ ଓମ୍ ପ୍ରକାଶ ସାହୁ, ମହାଦେବ ଦୀପ, ଅଚ୍ୟୁତାନନ୍ଦ ଦାସ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଗୋପାଳଜୀ ଚୌଧୁରୀ ସଭା ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ମହେଶ୍ୱର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଭତ୍ତା ମିଳୁନି; ୪ ହିତାଧିକାରୀ ବିଡିଓଙ୍କ ଦ୍ୱାରସ୍ଥ

**ବୌଦ୍ଧ, ୨୬ ।୨(ସମିସ):** ବୌଦ୍ଧ ବ୍ଳକ ବଘିଆପଡ଼ା ପଞ୍ଚାୟତ ଏରେଡା ଗ୍ରାମର ୪ ହିତାଧିକାରୀ ବେଦମତୀ ପ୍ରଧାନ, ପୂର୍ଣ୍ଣବାସୀ ବରର୍ତ୍ତୀ, କିଶୋରୀ ଅଦାବର, ସଂକୀର୍ତନ୍ୟ ଅଦାବରଙ୍କୁ ଭତ୍ତା ଟଙ୍କା ମିଳୁନି। ଏ ନେଇ ସେମାନେ ବ୍ଳକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏମାନଙ୍କ ଭତ୍ତା ଆବେଦନ ମଞ୍ଜୁର ହୋଇଛି। ଚଳିତ ମାସ ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିବ ବୋଲି ବ୍ଳକ କାର୍ଯ୍ୟାଳୟ ପକ୍ଷରୁ କୁହା ଯାଇଥିଲା; ମାତ୍ର ନ ମିଳିବାରୁ ସେମାନେ ବ୍ଳକର ଦ୍ୱାରସ୍ଥ ହୋଇଛନ୍ତି।



## ମନୁପାଲିରେ ଜନଶୁଣାଣି ଓ ସମାଧାନ ଶିବିର

**ଶଗଡ଼ା, ୨୬ ।୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଳକ ମନୁପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ମଦନମୋହନ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୁଜାହାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଗେହ୍ରା କୁଜୁରଙ୍କ ସହ ସମସ୍ତ ଜିଲ୍ଲା ଓ ବ୍ଳକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସମୁଦାୟ ୧୧୦ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୯୨ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ମାମଲା ପଞ୍ଜୀକୃତ ହୋଇଥିଲା। ୭୨ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିଲା।

## ବାରପୁଡୁଗିଆ ଉଚ୍ଚବିଦ୍ୟାଳୟର କୋଠା ଲୋକାର୍ପିତ

**ବଲାଙ୍ଗିର, ୨୬।୨ (ସମିସ):** ବାରପୁଡୁଗିଆ ପଞ୍ଚାୟତର ବାରପୁଡୁଗିଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ କରି ସରକାର ଗତବର୍ଷ ଉଚ୍ଚ ବିଦ୍ୟାଳୟରେ ଉନ୍ନୀତ କରିଛନ୍ତି। ନୂତନ କୋଠା ନିର୍ମାଣ ପାଇଁ ଏଲଏସଆଇପି ସିଏସଆର ପାଣ୍ଠି ଏବଂ ଏସସିଏଫ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇ ନୂତନ ନିର୍ମିତ କୋଠାକୁ ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ସମ୍ମାନିତ ଅତିଥି ସରପଞ୍ଚ ଜନ୍ମଜୟ ମେହେର, ସୁବାସ ବୋଷ ଏମଇ ସ୍କୁଲର ପ୍ରତିଷ୍ଠାତା ବୈଷ୍ଣବ ଚରଣ ମିଶ୍ର, ଯୁବନେତା ସମରେନ୍ଦ୍ର ମିଶ୍ର, ପାର୍କ ସଭାପତି ନିଳାଦ୍ରି ବିହାରୀ ମିଶ୍ର, ବୁଦ୍ଧିଜୀବୀ ନିମାଇଁ ଚରଣ ପାଣିଗ୍ରାହୀ, ଶିକ୍ଷାବିତ ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ପ୍ରଧାନଶିକ୍ଷକ ରବିଚନ୍ଦ୍ର ଧରୁଆ, ପରିଚାଳନା କମିଟି ସଭାପତି ବିଭୁପ୍ରସାଦ ନାଗ ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୬।୨(ସମିସ):** ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସେବା ସଂସଦର ନିଷ୍ପତ୍ତିକ୍ରମେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ତରଫରୁ ବଲାଙ୍ଗିର ବ୍ଳକ ଅଧିନସ୍ଥ ସିନଖମନ ମହନ୍ତ ଗିରିଧାରୀ ହାଇସ୍କୁଲ ପ୍ରାଙ୍ଗଣରେ ଜିଲ୍ଲା ଚିକିତ୍ସାଧାରୀଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଚୁଡାପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରକାଶ ଦାଶ ଏବଂ କର୍ମଚାରୀଙ୍କ ସହ ସୁନେତ୍ରା ଯୋଜନାର ନୋଡାଲ ଅଫିସର ଚକ୍ଷୁ ବିଶେଷଜ୍ଞ ଡା. ଉଷା ଦାଶ ଯୋଗଦେଇଥିଲେ। ଶିବିରରେ ୪ଟି ପଞ୍ଚାୟତରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା, ଶିଶୁ ଚିକିତ୍ସାର ସୁଯୋଗ ପାଇଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ଏବଂ ଆବଶ୍ୟକସ୍ଥଳେ ୬୬ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ପଞ୍ଚାୟତ ଏବଂ ହାଇସ୍କୁଲର କର୍ମଚାରୀଗଣ ସହଯୋଗ କରିଥିଲେ। ଜିଲ୍ଲା ସଂଘର ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ଉପଦେଷ୍ଟା ସୁବାସଚନ୍ଦ୍ର ପଣ୍ଡା, ସହକାରୀ ସମ୍ପାଦକ ଯଥା ବିଶ୍ୱାଲ, ଉପସଭାପତି ଶିବଶଙ୍କର ଖୁଆସ, ଜ୍ୟୋତ୍ସ୍ନା ନନ୍ଦ, କୋଷାଧ୍ୟକ୍ଷ ଶଶିଭୂଷଣ ପୁରୋହିତଙ୍କ ସହିତ କାର୍ଯ୍ୟକାରୀ ସଦସ୍ୟ ବିପିନ ପଣ୍ଡା, ଡା. ଉମା ପାତ୍ର, ସଭ୍ୟ ବିଭୁ ନନ୍ଦ, ମହିଳା ସଭ୍ୟା ପ୍ରତିମା ମିଶ୍ର ଯୋଗ ଦେଇଥିଲେ। ସଭାପତି ଗୁରୁଶ୍ରୀ ଡ. ଘାସିରାମ ମିଶ୍ରଙ୍କ ଅନୁମୋଦନକ୍ରମେ ସଂଘର ସମ୍ପାଦକ ବସନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସନ୍ତିକ କାବ୍ୟୋତ୍ସବ

**ଭବାନୀପାଟଣା, ୨୬ ।୨ (ସମିସ):** ସାହିତ୍ୟ ପାଇଁ ବସନ୍ତର ଭୂମିକା ବେଶ୍ ଗୁରୁତ୍ୱ। ସ୍ରଷ୍ଟା ବସନ୍ତକୁ ମାଧ୍ୟମ କରି ପ୍ରେମର ଫଲ୍‌ଗୁ ସୃଷ୍ଟି କରେ। ମଳୟ ବହିଲେ ଆମ୍ରକୁଞ୍ଜ ପଟୁ କୋଇଲି ପ୍ରାରମ୍ଭିକ ସଙ୍ଗୀତ ଗାନ କରେ। ବସନ୍ତ ଧରାକୁ ଓହ୍ଲାଇଲେ ପ୍ରକୃତି ପ୍ରେମିକ ହୋଇଉଠେ। ବିଭୋର ହୋଇଉଠେ ପ୍ରେମମୟ ଜଗତ। ସର୍ବଶ୍ରୀ ସବଖିଆ ସାହିତ୍ୟ ସଂସଦର ଧାରାବାହିକ ୨୦୫ ସଂଖ୍ୟା ସାରସ୍ୱତ ପର୍ବ ବାସନ୍ତିକ କାବ୍ୟୋତ୍ସବ ଅବସରରେ କବିଗଣ ଏଭଳି ମତବ୍ୟକ୍ତ କରିଥିଲେ। ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ଅତିଥି ଭାବେ କବି ଅଶୋକ ଖମାରୀ, ପୂର୍ବତନ ଉପ ଆରକ୍ଷୀ ଅଧିକ୍ଷକ ସୁନୀଲ ଆଚାର୍ଯ୍ୟ ଓ ଶିକ୍ଷାବିତ ଶିବରାମ ନାୟକ ମଞ୍ଚାସୀନ ଥିଲେ। ଶିଳ୍ପୀ କାଜଲ ମହାରଣା ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ସବିତା ଶତପଥୀ, ଆନନ୍ଦିନୀ ପାତ୍ର, କିଶୋର ମହାନନ୍ଦ, ପ୍ରାଞ୍ଜଳ ଠାକୁର, ଦୀପ୍ତି ମୁଣ୍ଡ, ସାଗର ବୈଠାରୁ, ଅଶୋକ ଖମାରୀ, ସୁନୀଲ ଆଚାର୍ଯ୍ୟ, ଆଦର୍ଶ ବେହେରା, କାଜୁ ମହାରଣା, ଚିତ୍ତରଞ୍ଜନ ସାହୁ ପ୍ରମୁଖ କବିତା ଆବୃତ୍ତି ସହ ଗପ ପାଠ କରିଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।




## କଂଗ୍ରେସର କର୍ମୀ ସମ୍ମିଳନୀ

**ଖପ୍ରାଖୋଲ, ୨୬।୨(ସମିସ):** ଖପ୍ରାଖୋଲ ବ୍ଳକ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡା ଗ୍ରାମ ଖେଳପଡିଆଠାରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବ୍ଳକ ସଭାପତି ପତିତପାବନ ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ପିସିସି ସଭ୍ୟ ଅନୀଲ ମେହେର, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବ୍ଳକ ସଭାପତି ଗୋବିନ୍ଦ କଲେତ, ଯୁବ ସଭାପତି ଚନ୍ଦନ ସାହୁ, ସାଧୁ ମେହେର, ନବୀନ ବେହେରା, ଫକୀର ପଧାନ, ନୀଳକାନ୍ତ ବାଗ, ରୋହିତ ଭୁଏ ଯୋଗ ଦେଇଥିଲେ। ଜଗତରାମ ନାଗ, ପିଙ୍କୁ ସାହୁ, ସୁଶୀଳ ମାଝୀ, ନୀଳାମ୍ବର ବିଶ୍ୱାଳ, ବିଦ୍ୟା ମେହେର, ରଞ୍ଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




## ସଙ୍ଗୀତ ଗୁରୁ ଝୁମୁକଲାଲ ବର୍ମାଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା, ୨୬ ।୨ (ସମିସ):** କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ପରିଷଦ ସଭାଗୃହରେ ସଙ୍ଗୀତ ଗୁରୁ ଝୁମୁକଲାଲ ବର୍ମାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରଭାସଚନ୍ଦ୍ର ମିଶ୍ର, ଅଶୋକ ପାତ୍ର, ଗୁରୁ ସୁଧୀର ପଣ୍ଡା, କୃଷ୍ଣାବତାର ଦେଓ, ବିଶ୍ୱମୋହନ ରଥ, ଡ. ତପନ ରଥ, ଭୀମସେନ ସାହୁ, ସୁରେନ୍ଦ୍ର ନେଗୀ, ଭାଗୀରଥି ବେହେରା, ବିରଞ୍ଚିନାରାୟଣ ମୁଣ୍ଡ, ଧାନ ପଣ୍ଡା, ଗୋପାଳ ସାହୁ, ମୀନା ରଥ, ନମିତା ମିଶ୍ର, ଲିପ୍ସା ମହାରଣା, ତାପସ ପଟେଲ, ଆଲୋକ ସାହୁ, ଶେଷଦେବ ମିଶ୍ର ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ପରିଷଦ ସମ୍ପାଦକ ଭବନାଥ ରାୟଗୁରୁ ସଂଯୋଜନା କରିଥିଲେ।

## ମାର୍ଚ୍ଚ ୧ରୁ ଖରିଆରରୋଡ୍ ପ୍ରିମିୟର ଲିଗ୍

**ନୂଆପଡ଼ା, ୨୬।୨(ସମିସ):** ମାର୍ଚ୍ଚ ୧ରୁ ୱାରିୟର କ୍ଲବ ତରଫରୁ ଖରିଆରରୋଡ ପ୍ରିମିୟର ଲିଗ(କେପିଏଲ) ଆରମ୍ଭ ହେବ। ଏ ନେଇ ଖରିଆରରୋଡ ସହର ହୋଟେଲ ଗାର୍ଡେନ ଇନରେ ଏକ ସାମ୍ବାଦିକ ସମ୍ମିଳନୀରେ ୱାରିୟର କ୍ରିକେଟ କ୍ଲବ ସଭାପତି ନିଖିଲେଶ ଲଖମନିଆ ସୂଚନା ଦେଇଛନ୍ତି। ଏଥିରେ ବାହାର ରାଜ୍ୟର ୧୦ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏହି ସବୁ ମ୍ୟାଚ ରାତ୍ରିକାଳୀନ ଓ ଆଇପିଏଲ ନିୟମ ଅନୁସାରେ ଖେଳ ଅନୁଷ୍ଠିତ ହେବ। ଏଥି ପାଇଁ ଖେଳାଳିଙ୍କ ନିଲାମ ହୋଇଛି। ଖରିଆରରୋଡ ସହରର ସିଦ୍ଧାର୍ଥ ସଲମା ସର୍ବାଧିକ ୨୦ ହଜାର ଟଙ୍କାରେ ବିକ୍ରି ହୋଇଛନ୍ତି। ମାର୍ଚ୍ଚ ୬ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚାମ୍ପିଅନ ଦଳକୁ ୧ ଲକ୍ଷ ଓ ରନର୍ସ ଅପ ଦଳକୁ ୫୦ ହଜାର ଟଙ୍କାର ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ମୁମ୍ବାଇ ଇଣ୍ଡିଆନ୍ସ ଦଳକୁ ରାମ ସୋନୀ, ଚେନ୍ନାଇ ହିରୋର୍ସକୁ ପ୍ରେମ ସାହୁ ଓ ରବି ବାଗ, ଗୁଜରାତ ଟାଇଟନର୍ସକୁ କେହ୍ନାୟା ଜୈନ, ଦିଲ୍ଲୀ ଡେଭିଲର୍ସକୁ ମନୋଜ ସଂକ୍ଲେଜା, ଲକ୍ଷ୍ନୌ ଟାଇଗରର୍ସକୁ ହେମନ୍ତ ଗୁପ୍ତା, ହାଇଦ୍ରାବାଦ ବ୍ଲାଷ୍ଟରର୍ସକୁ ଫରହାନ ଅସ୍ରଫ, ରାଜସ୍ଥାନ ଇଗଲକୁ ଲଖମନିଆ, କିଶୋର ତୁରକିଆ ଓ କିଷନ ଗୋୟଲ, ରୟାଲ ଚ୍ୟାଲେଇଜର ବେଙ୍ଗଲୋରକୁ ମୁକେଶ ଅମନ ଖାନ, ରାଇଜିଂ ପୁନେ ପାୱାରକୁ ଆଦିତ୍ୟ ବରେଡିଆ, କୋଲକତା ଫାଇଟରର୍ସକୁ ମୁକେଶ ଭଷାଣି ପରିଚାଳନା କରୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ୱାରିୟର କ୍ରିକେଟ କ୍ଲବ ସଭାପତି ହାର୍ଦିକ ଢୋଲକିଆ, ଯୁବ ଆଇନଜିବୀ ଧନୀରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



**ଆଇପିଏଲ ଢାଞ୍ଚାରେ ଖେଳ ଯୋଗଦେବେ ୧୦ ଦଳ**

# ଦେଓଗାଁ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

**ଦେଓଗାଁ, ୨୬।୨(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଳକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ସସ୍ମିତା ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ରିଶିକେଶ ଖିଲାରୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବ୍ଳକର ୨୬ଟି ପଞ୍ଚାୟତ ଅନ୍ତର୍ଗତ ୧୨୬ ଖଣ୍ଡ ଗାଁରୁ ୭୦ ଜଣ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଦେଓଗାଁ ୨୬ ନଂ ଜାତୀୟ ରାଜପଥ ରାଏପାଲି ଛକରୁ ରାଏପାଲି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ନେଉ ନଥିବାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ନିର୍ବାଚନ ପୂର୍ବରୁ ଏ ଦିଗରେ ପଦକ୍ଷେପ ନ ନେଲେ ଭୋଟ ବର୍ଜନ କରିବୁ ବୋଲି ଧନୁର୍ଯ୍ୟ କରଣ, ଆର୍ତ ଘିଭେଲା, ଧ୍ରୁବା ମଟାରୀ, ମାର୍କଣ୍ଡ ଘିଭେଲା, ମଙ୍ଗଳବାରୀ ଭଣ୍ଡା, ସନ୍ତୋଷିନୀ କରଣ ତଥା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। କୁଲିଆବାହାଲରେ ଏକ ପ୍ରକଳ୍ପ ପାଇଁ ଅନେକ ଦିନ ହେଲା ଅନୁଦାନ ଆସିଥିଲେ ହେଁ କାମ ନ ହୋଇ ପଡ଼ିରହିବାକୁ ନେଇ ସ୍ଥାନୀୟ ସମିତିସଭ୍ୟ ଲକ୍ଷ୍ମଣ କୁମାର ମେହେର ଅଭିଯୋଗ କରିଥିଲେ। ସେପରି କୁହିମୁଣ୍ଡାରେ ଗଭୀର ନଳକୂପ ଖନନ କରାଯାଇଥିବାବେଳେ ବିଦ୍ୟୁତ ସଂଯୋଗ କରାଯାଉ ନଥିବା ନେଇ ଗାଁର ଅଗ୍ରଣୀ ଚାଷୀ ଶମ୍ଭୁଭୂଷଣ ସାହୁ ଅଭିଯୋଗ କରିଥିଲେ। ଉପରଝର ଭାୟା ଫଟାମୁଣ୍ଡା ପୂର୍ତ୍ତ ରାସ୍ତା ନିକଟ ଚାଷ ଜମିକୁ ଲାଗି ବିଭାଗ ତରଫରୁ ଗାର୍ଡୱାଲ କାମ ଅଧପନ୍ତରିଆ ଓ ନିମ୍ନମାନର କରି ପକାଇ ରଖିବା ଦ୍ୱାରା ଚାଷଜମି ନଷ୍ଟ ହୋଇଥିବା ଚାଷୀ ରଜନୀକାନ୍ତ ପଟେଲ ଲିଖିତ ଅଭିଯୋଗ କରିଥିଲେ। ଶିବିରରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିବାବେଳେ ଇଓ, ଜିଆରଏସ ଓ କର୍ମଚାରୀ ସହଯୋଗ କରିଥିଲେ।



## ରାଜ୍ୟସ୍ତରୀୟ କୋଶଳି ନାଟବାଦୀ-ନାଟଯାତ୍ରା

**ବଲାଙ୍ଗିର, ୨୬।୨(ସମିସ):** ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ଚାଲିଥିବା କୋଶଳି ନାଟବାଦୀ-ନାଟଯାତ୍ରାର ଦ୍ୱିତୀୟ ଦିବସରେ ବଲାଙ୍ଗିର ନଟରାଜ କଳା ପରିଷଦ ତରଫରୁ ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶିତ କୋଶଳି ପୌରାଣିକ ନାଟକ 'ରାବଣ' ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ନାଟକଟି ସୁମନ୍ତ ଭୋଇଙ୍କ ନିର୍ଦ୍ଦେଶନାରେ ସୋନପୁରର ବିଣାପାଣୀ ସାହିତ୍ୟ ସଂସଦର କଳାକାରମାନେ ମଞ୍ଚସ୍ଥ କରିଥିଲେ ନାଟକ 'ଟୁକୁ'। ଶେଷରେ ସଦାଇପାଲିର ନିରାକାର କଳା ପରିଷଦ ତରଫରୁ ଗୀତିନାଟ୍ୟ 'ସୂର୍ପଣଖା ନାସା ଛେଦନ' ପରିବେଷଣ ହୋଇଥିଲା। ଆୟୋଜକ କମିଟିର ସମ୍ପାଦକ ଡ.ନାରାୟଣ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଏବଂ ବଲାଙ୍ଗିର ସଦର ବ୍ଳକ ଅଧ୍ୟକ୍ଷା ସରିତା ବାଗ ଓ ସ୍ଥାନୀୟ ସମିତି ସଭ୍ୟ ଗୋଲାପ ବାଗ ଅତିଥି ଭାବରେ କଳାକାରଙ୍କୁ ଉତ୍ସାହିତ କରିଥିଲେ। ମଧୁସୂଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁଲୋଚନା ମିଶ୍ର, ହିତିକା ମହାନ୍ତି, ରେସମା ସା, ସୁସ୍ମିତା ସୁନା, ଅନୁପମା ବାଗ, ପ୍ରଜ୍ଞା ପରିମିତା ପରିଡ଼ା ସହଯୋଗ କରିଥିଲେ।



